

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୧ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 June 2026

Vol.No. 36 ■ No.161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ବଡ଼ ଉପହାର: ଭେଟି ଦେଲେ ୪୭ ହଜାର ୬ଶହ କୋଟିର ପ୍ରକଳ୍ପ

## 'ମୋହନଙ୍କ ନେତୃତ୍ୱରେ ଆଗଉଛି ଓଡ଼ିଶା; ଦ୍ରୁତ ଗତିରେ ହେଉଛି ରାଜ୍ୟର ବିକାଶ': ପ୍ରଧାନମନ୍ତ୍ରୀ

## ପିଏମ୍ କିଷାନ ଯୋଜନାର ୨୩ ତମ କିସ୍ତି ପ୍ରଦାନ : ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୬୯୨.୮୬ କୋଟି ଟଙ୍କାର ଆର୍ଥିକ ସହାୟତା



ମୟୂରଭଂଜ, ୨୦/୬ (ନି.ପ୍ର): ଓଡ଼ିଶା ଇତିହାସରେ ଆଜିର ଦିନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ରାଇରଙ୍ଗପୁରଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ପାଳନ ସହ ବିଜେପି ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଗୋଟିଏ ମଂଚରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହି ରାଜ୍ୟବାସୀଙ୍କୁ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଜନ୍ମମାଟି 'ପାହାଡ଼ପୁର'କୁ ସମ୍ପୂର୍ଣ୍ଣ ଭାବେ ଏକ ଆଦର୍ଶ 'ସୋଲାର ଭିଲେଜ' ଭାବେ ବିକଶିତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସରକାର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜ୍ୟକୁ ଦାଦନ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ 'ରିଭର୍ସ ମାଇଗ୍ରେସନ'ର ସଂକଳ୍ପ ନେଇଛନ୍ତି। ଆଉ ପ୍ରତ୍ୟେକଙ୍କ ଜୀବନରେ ମୋଦିଙ୍କର କିଛି ନା କିଛି ଅଂଶ ରହିଛି ବୋଲି କହି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସଭାମଂଚରୁ ପ୍ରଶଂସା କରିବାକୁ ପଛାଇ ନଥିଲେ। ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜର ରାଇରଙ୍ଗପୁରଠାରେ ଆୟୋଜିତ 'ବିକାଶ ର ଧାରା, ଓଡ଼ିଶା ସାରା' ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬୮ତମ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଗୋଟିଏ ମଂଚରେ ଉପସ୍ଥିତ ରହି ୪୫୫୮.୭୯ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ସହ ମୋଟ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟବାସୀଙ୍କୁ ଭେଟି ଦେଇଛନ୍ତି। ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଉଭୟ ପାହାଡ଼ପୁର ଗାଁର ଆଦିବାସୀଙ୍କ ଧର୍ମପୀଠ ସାନ୍ତାଳୀ ଜାହେରା ଓ ହୋ ଜାହେରା ପୀଠରେ ପୂଜାର୍ଚ୍ଚନା କରିବା ସହ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କ ସହ ମଧ୍ୟ ସମୟ ବିତାଇଥିଲେ। ଏହାପରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ମୋଦୀ ଓଡ଼ିଶାର ଦୁଇ ବର୍ଷର ଶାସନର ପ୍ରଶଂସା କରିଥିଲେ। ପାହାଡ଼ପୁର ଗାଁ ସ୍କୁଲ ଗସ୍ତ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସ୍କୁଲର କୌଣସି ପିଲା ଲାଗୁନଥିଲା କି ଦେଶର ◆◆ପୃଷ୍ଠା ୭

# ଭିଡ଼ ହିଂସାକୁ ନେଇ ଓଡ଼ିଶା ମୁଣ୍ଡରେ କଳଙ୍କ: କାଠଗଡ଼ାରେ ପୁଲିସ ପ୍ରଶାସନର କାର୍ଯ୍ୟଦକ୍ଷତା

ଭୁବନେଶ୍ୱର, ୨୦/୬ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ବାଲେଶ୍ୱର ପରେ ବାଲିଅନ୍ତା, ଗଞ୍ଜାମ ଆଉ ଏବେ ରାୟଗଡ଼ାରେ ଭିଡ଼ ହିଂସା ଜାତୀୟସ୍ତରରେ ଓଡ଼ିଶାକୁ ଲଜ୍ଜିତ କରିଛି । ଏହି ଘଟଣାରେ ପୁଲିସ ୨୧ ଜଣ ଅଭିଯୁକ୍ତଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି । କଲ୍ୟାଣସିଂହପୁର ଥାନାଠୁ ମାତ୍ର ୨ କିଲୋମିଟର ଦୂରରେ ଘଟିଥିବା ଏହି ଅଘଟଣ ପୁଲିସ ପ୍ରଶାସନର ଭୂମିକା ଓ ଆଭିମୁଖ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେପଟେ ଏହାକୁ ନେଇ ରାଜନୀତି ବି ତେଜିଛି । ପିଲା ଚୋରି ଗୁଜବ, ଆଉ ଏହାକୁ ନେଇ ଉତ୍ୟକ୍ତ ଭିଡ଼ଙ୍କ ବର୍ବରୋଚିତ କାଣ୍ଡ । ମହିଳା ସ୍ୱେଚ୍ଛାସେବୀଙ୍କ ପୋଷାକ ଚିରି ଉତ୍ୟକ୍ତ ଭିଡ଼ର ଆକ୍ରମଣ ଭିଡ଼ିଓ ଏବେ ଭାଇରାଲ ହେଉଛି । ସାରାଦେଶରେ ରାୟଗଡ଼ା ଘଟଣାକୁ ନେଇ ଓଡ଼ିଶା ବଦନାମ ହୋଇଛି । ବଡ଼ କଥା ହେଉଛି କଲ୍ୟାଣସିଂହପୁର ଥାନାଠୁ ମାତ୍ର ୨କିମି ଦୂର ସାଇନଗର ନିକଟରେ ଚାଲିଥିଲା ଭିଡତନ୍ତ୍ରର ଏହି ଅରାଜକତା । ଅମିଣଷ ପାଲଟି ଯାଇଥିଲେ କିଛି ଦୁର୍ବୃତ୍ତ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବି ଆକ୍ରମଣ ଚାଲିଥିଲା । ଉତ୍ୟକ୍ତ ଗ୍ରାମବାସୀଙ୍କ ଆଗରେ ପୁଲିସ ଅସହାୟ ହୋଇପଡ଼ିଥିଲା । ବହୁ କଷ୍ଟରେ ଯୁବତୀ ଓ ଯୁବକଙ୍କୁ ଭିଡ଼ କବଳରୁ ଉଦ୍ଧାର କରି ପ୍ରଥମେ ମେଡିକାଲ ଓ ପରେ ଥାନାକୁ ଆଣିଥିଲା ପୁଲିସ। ◆◆ପୃଷ୍ଠା ୭

# ଆଜି ନିଟ ୟୁଜି ପରୀକ୍ଷା: ତ୍ରୁଟିଶୂନ୍ୟ ପରୀକ୍ଷା ପାଇଁ ହେଲା ମକଡ୍ରିଲ୍



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦/୬ (ନି.ପ୍ର): ଆସନ୍ତାକାଲି ନିଟ୍ ୟୁଜିର ପୁନଃପରୀକ୍ଷା । ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାର ସୁପରିଚାଳନା ପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । କଡ଼ା ସୁରକ୍ଷାରେ ରହିଛି ପରୀକ୍ଷା କେନ୍ଦ୍ରଗୁଡିକ । ଆଜି ସମସ୍ତ ପରୀକ୍ଷା କେନ୍ଦ୍ରରେ ମକଡ୍ରିଲ ହୋଇଛି । ରାଜ୍ୟରେ ପ୍ରାୟ ୫୭ହଜାର ପରୀକ୍ଷାର୍ଥୀ ଥିବାବେଳେ କେବଳ ଭୁବନେଶ୍ୱରରେ ୧୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ରହିଛନ୍ତି । ଏଥର ନିଟ୍-ୟୁଜି ପରୀକ୍ଷାରେ ଯେଭଳି କୌଣସି ତ୍ରୁଟି ନରୁହେ ସେ ଦିଗରେ କଡା ନଜର ରଖିଛି ଏନଟିଏ । ପରୀକ୍ଷା ପୂର୍ବରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ହୋଇଛି ମକ ଡ୍ରିଲ । ପରୀକ୍ଷା କେନ୍ଦ୍ରରେ ଏନଟିଏ ପକ୍ଷରୁ ନିଜସ୍ୱ ସିସିଟିଭି ଏବଂ ଜାମର ଲାଗିଛି । ତ୍ରିସ୍ତରୀୟ ଯାଞ୍ଚ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ସେସବୁର ତଦାରଖ କରିଛନ୍ତି ଏନଟିଏ ପର୍ଯ୍ୟବେକ୍ଷକ । ପୂର୍ବ ଅପେକ୍ଷା ଏଥର ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କଡ଼ା ସୁରକ୍ଷା ବଳୟ ଭିତରେ ଆସନ୍ତାକାଲି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର । ପୁଲିସ ସହ ସିଆଇଏସ୍ଏଫ, ସିଆରପିଏଫ, ଆଇଟିବିପିର ଜଣେ ଲେଖାଏଁ ସୁରକ୍ଷାକର୍ମୀ ମଧ ସେଣ୍ଟରରେ ନିୟୋଜିତ ହେବେ । ବାୟୋମେଟ୍ରିକ ଯାଞ୍ଚ ହେବ । ପରୀକ୍ଷାରେ ନିୟୋଜିତ ପଦାଧିକାରୀ, ଅଜରଭର ସମସ୍ତଙ୍କୁ ସକାଳ ୮ଟା ସୁଦ୍ଧା କେନ୍ଦ୍ରରେ ପହଁଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ◆◆ପୃଷ୍ଠା ୭

# ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା



ବାଲେଶ୍ୱର, ୨୦/୬ (ନି.ପ୍ର): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶ୍ରୀ ଗିରିଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ କରିଥିଲେ।ସେ କହିଥିଲେ କି ମୁଁ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ଏହି ସଂଘର ଉନ୍ନତି ପାଇଁ ଏକ ହଜାର ଟଙ୍କା ଅନୁଦାନ ଦେବି। ◆◆ପୃଷ୍ଠା ୭

# ମମତା ବାନାର୍ଜୀଙ୍କୁ ୪୪୦ କୋଟିର ଝଟକା: ତୃଣମୂଳ କଂଗ୍ରେସର ୩ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ କଲା ପୁଲିସ

ନୂଆଦିଲ୍ଲୀ,୧୯/୬ : ଟିଏମସି ମୁଖ୍ୟ ମମତା ବାନାଜୀଙ୍କୁ ସବୁଠୁ ବଡ଼ ଝଟକା। ଫ୍ରିଜ୍ ହେଲା ଟିଏମସିର ୪୪୦ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟ। ବିଦ୍ରୋହୀ ବିଧାୟକଙ୍କ ତଦନ୍ତ ଦାବି ପରେ ଆକାଉଣ୍ଟ ଫ୍ରିଜ୍ କଲା ପୁଲିସ। ପୋଲିସ୍ ଟିଏମସିର ତିନୋଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଛି । ଏହା ଦଳର ଆଭ୍ୟନ୍ତରୀଣ କ୍ଷମତା ସଂଘର୍ଷକୁ ଆହୁରି ଗଭୀର କରିଛି । ଦଳର ଆର୍ଥିକ ବ୍ୟବସ୍ଥାକୁ ଅପରାଧିକ ତଦନ୍ତଭୁକ୍ତ କରିଛି ପୁଲିସ। ତିନୋଟି ବ୍ୟାଙ୍କ ଆକାଉଣ୍ଟରେ ପାଖାପାଖି ୪୪୦ କୋଟି ଟଙ୍କା ରହିଛି । ସେଥିରୁ ଟଙ୍କା ଉଠାଇବା ଉପରେ କଟକଣା ଲାଗିଛି। କେବଳ ଟଙ୍କା ଜମା କରିପାରିବେ। ଦଳର ବିଦ୍ରୋହୀ ବିଧାୟକମାନେ ଏହି ଆକାଉଣ୍ଟ ଗୁଡ଼ିକର ଅର୍ଥର ଉତ୍ସ ସମ୍ପର୍କରେ ତଦନ୍ତ ଦାବି କରି ଅଭିଯୋଗ କରିବା ପରେ ଏହି ପଦକ୍ଷେପ ନିଆଯାଇଛି । ଏହା ଦଳର ଆର୍ଥିକ ନିୟନ୍ତ୍ରଣ ନେଇ ଚାଲିଥିବା ଆଭ୍ୟନ୍ତରୀଣ ଲଢ଼େଇକୁ ଆହୁରି ତୀବ୍ର କରିଛି ।

# ସିଏମଓରୁ ଫାଇଲ୍ ଚୋରି ମାମଲାରେ ଜିଏ ବିଭାଗରେ ପୋଲିସ୍‌ର ଛାନଭିନ୍

ଭୁବନେଶ୍ୱର, ୨୦/୬ (ନି.ପ୍ର): ସିଏମଓରୁ ଫାଇଲ୍ ଚୋରି ମାମଲାରେ ସାଧାରଣ ପ୍ରଶାସନ ବିଭାଗରେ କ୍ୟାପିଟାଲ୍ ଥାନା ପୋଲିସ୍ ଛାନଭିନ୍ କରିଛି । ପୂର୍ବରୁ ଗୃହ ବିଭାଗକୁ ଯାଇ ପୋଲିସ ପଚରାଉଚରା କରିଥିଲା। ସୂଚନାଯୋଗ୍ୟ ଯେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଫାଇଲ୍ ଗାୟବ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଯାହା ମଧ୍ୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ଏବଂ ସମ୍ ହସ୍ପିଟା ଅଗ୍ନିକାଣ୍ଡ ମାମଲାର ତଦନ୍ତ ରିପୋର୍ଟ ଅନ୍ତର୍ଭୁକ୍ତ। ତତ୍କାଳୀନ ସିଏମଓକୁ ଫାଇଲ୍ ଯିବାର ରେକର୍ଡ ରହିଛି। ମାତ୍ର ୨ ଫାଇଲ୍ ଫେରିବା ନେଇ କୌଣସି ପ୍ରମାଣ ମିଳି ପାରିନି। ଏନେଇ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


# ପୁଣି ହର୍ମୁଜକୁ ବନ୍ଦ କଲା ଇରାନ୍



ନୂଆଦିଲ୍ଲୀ,୧୯/୬ : ଇରାନର ସେନା (ଖାତମ ଅଲ୍-ଅମ୍ବିୟା ହେଡ୍‌କ୍ୱାର୍ଟର) ଷ୍ଟ୍ରେଟ୍ ଅଫ୍ ହର୍ମୁଜ) ଜାହାଜ ଚଳାଚଳ ବନ୍ଦ ନେଇ ବଡ଼ ଘୋଷଣା କରିଛି। ଏହାର ପଛର କାରଣ ହେଲା ଯୁଦ୍ଧ ଶେଷ ନେଇ ହୋଇଥିବା ବୁଝାମଣାର ଆମେରିକା ଦ୍ୱାରା ଉଲ୍ଲଂଘନ। ଦକ୍ଷିଣ ଲେବାନନରୁ ସେନା ହଟାଇବା ଏବଂ ଇସ୍ରାଏଲ୍ ଦ୍ୱାରା କ୍ରମାଗତ ଯୁଦ୍ଧବିରତିର ଉଲ୍ଲଂଘନ କରିବା କାରଣ କୁହାଯାଇଛି। ଇରାନ ଏହାକୁ ପ୍ରଥମ ପଦକ୍ଷେପ କହିଛି। ଏଥି ସହିତ ଚେତାବନୀ ଦେଇଛି ଯେ, ଯଦି ଉଲ୍ଲଂଘନ ଜାରି ରହେ, ତାହେଲେ ଅନ୍ୟ ପଦକ୍ଷେପ ନିଆଯିବ। ଆମେରିକା ଏବଂ ଇରାନ ଚଳିତ ସପ୍ତାହରେ ଏକ ବୁଝାମଣା ଉପରେ ଦସ୍ତଖତ କରିଥିଲେ। ଏଥିରେ ଉଲ୍ଲେଖ ଥିଲା ଯେ, ହର୍ମୁଜକୁ ପୁଣି ଥରେ ଖୋଲି ଦିଆଯିବ। ଏବେ ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ବୁଝାମଣାର ଖବରର କିଛି ଘଣ୍ଟା ପରେ ଶନିବାର ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣରେ ଅତିକମରେ ୭ଜଣଙ୍କର ମୃତ୍ୟୁ ଘଟିଥିଲା, ଯେଉଁଥିରେ ୨ଜଣ ଶିଶୁ ସାମିଲ ଥିଲେ। ଏବେ ଇରାନ ଦ୍ୱାରା ଦ୍ୱିତୀୟ ଥର ହର୍ମୁଜ ଉପରେ କଟକଣା ଲାଗୁ କରାଯିବା ପରେ ଶାନ୍ତି ଚୁକ୍ତି ନେଇ ହୋଇଥିବା ବୁଝାମଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନ ସଂସଦ ବାଚସ୍ପତି ମହମ୍ମଦ ବଘେର ଗାଲିବାଫ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚିଠା ବୁଝାମଣାପତ୍ରରେ ଡିଜିଟାଲ୍ ସ୍ୱାକ୍ଷର କରିଛନ୍ତି। ଆସନ୍ତା ସପ୍ତାହରେ ଏହି ଶାନ୍ତି ଚୁକ୍ତି ଔପଚାରିକ ଭାବେ ସ୍ୱାକ୍ଷର ହେବ। କିନ୍ତୁ ଏହା ପୂର୍ବରୁ ଆମେରିକା ଓ ଇରାନର ବରିଷ୍ଠ ନେତାମାନେ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ସେ ସ୍ୱିଜରଲାଣ୍ଡର ଜେନେଭାରେ ହେବାକୁ ଥିବା ଚୁକ୍ତିସ୍ୱାକ୍ଷର ଉତ୍ସବରେ ଯୋଗ ଦେଇପାରନ୍ତି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପ ଶେଷ ମୁହୂର୍ତ୍ତରେ ଯୋଗ ଦେଇପାରନ୍ତି। ତେବେ ସୁରକ୍ଷା ଚିନ୍ତା ଓ ଫ୍ରାନ୍ସରେ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀ ଯୋଗୁଁ ଏପର୍ଯ୍ୟନ୍ତ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ସୁରକ୍ଷା କାରଣରୁ ସାଧାରଣତଃ ଆମେରିକାର ସିକ୍ରେଟ୍ ସର୍ଭିସ୍ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ବିଦେଶରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ଏକାସାଙ୍ଗରେ ପଠାଇବାକୁ ଏଡ଼ାଇଥାନ୍ତି। ତେଣୁ ଆମେରିକା-ଇରାନ ଚୁକ୍ତି ସ୍ୱାକ୍ଷର ସମାରୋହରେ କେବଳ ଟ୍ରମ୍ପ କିମ୍ବା ଜେଡି ଭାନ୍ସ ଯୋଗଦେବେ ଏବଂ ଦୁହେଁ ଏକାଠି ଯୋଗଦେବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ତେବେ ଦୁଇ ପକ୍ଷଙ୍କ ମଧ୍ୟରେ ୟୁରାନିୟମ୍ ଭଣ୍ଡାର ପ୍ରସଙ୍ଗରେ ମତଭେଦ ରହିଛି। ଚୁକ୍ତିନାମାରେ ଇରାନର ଅତ୍ୟଧିକ ସମୃଦ୍ଧ ୟୁରାନିୟମ୍ ଭଣ୍ଡାରକୁ ନଷ୍ଟ କରିବା ଏବଂ ଏହା ଉପରେ କଡ଼ା ନଜର ରଖିବା ପାଇଁ କୁହାଯାଇଛି। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହା ମଧ୍ୟପ୍ରାଚ୍ୟରେ ଦୀର୍ଘକାଳୀନ ଶାନ୍ତି ବଜାୟ ରଖିବାରେ ସାହାଯ୍ୟ କରିବ। ତେବେ ଇରାନ କହିଛି ଯେ, ଘରୋଇ ସ୍ତରରେ କମ୍ ସମୃଦ୍ଧ ରୂପରେ ଆମକୁ ୟୁରାନିୟମ୍ ସଂରକ୍ଷଣ କରିବାକୁ ଅନୁମତି ଦିଆଯିବା ଉଚିତ। ଏହି ଚୁକ୍ତି ଏକ ଚୂଡ଼ାନ୍ତ ଶାନ୍ତି ଚୁକ୍ତି ନୁହେଁ। ଏହା ଏକ ପ୍ରାରମ୍ଭିକ ଚୁକ୍ତି (ଏମ୍‌ଓୟୁ), ଯାହା ଉପରେ ଆଗାମୀ ୬୦ ଦିନ ମଧ୍ୟରେ ବିସ୍ତୃତ ଆଲୋଚନା ହେବ ବୋଲି ଇରାନର ଉପବୈଦେଶିକ ମନ୍ତ୍ରୀ କାଜେମ ଗରିବାବାଦୀ ସ୍ପଷ୍ଟ ଭାବରେ କହିଛନ୍ତି।

# ମାଲଦା ସୀମାରେ ବି.ଏସ୍.ଏଫ୍. ଓ ବିଜିବି ମୁହାଁମୁହିଁ

ନୂଆଦିଲ୍ଲୀ,୧୯/୬ : ଶନିବାର ସକାଳେ ପଶ୍ଚିମବଙ୍ଗର ମାଲଦା ଜିଲ୍ଲାର ବୈଷ୍ଣବନଗରର ସୁଖଦେବପୁରରେ ଭାରତ-ବାଂଲାଦେଶ ସୀମାରେ ଉତେଜନା ଦେଖାଦେଇଥିଲା ଯେତେବେଳେ ଅଭିଯୁକ୍ତ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ପଛକୁ ଠେଲିବା ପ୍ରକ୍ରିୟା ସମୟରେ ପରିସ୍ଥିତି ଖରାପ ହୋଇଯାଇଥିଲା। ସୂତ୍ର ଅନୁଯାୟୀ, ଗିରଫ ହୋଇଥିବା ଅନୁପ୍ରବେଶକାରୀଙ୍କୁ ଶୁକ୍ରବାର ରାତିରେ ସୀମା ଦେଇ ବାଂଲାଦେଶ ପଠାଯାଇଥିଲା। କିନ୍ତୁ ସେଠାକାର ବର୍ଡର ଗାର୍ଡ ବାଂଲାଦେଶ(ବିଜିବି) ସେମାନଙ୍କୁ ନିଜ ଅଂଚଳରେ ପ୍ରବେଶ କରିବାକୁ ଦେଇନଥିଲା। ଏହାପରେ ବହୁ ସଂଖ୍ୟକ ଲୋକ ସୀମା ପାର କରି ଏକାଠି ହୋଇଥିଲେ ଏବଂ ପୁଣିଥରେ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେମାନେ ଭାରତୀୟ ସୀମା ସୁରକ୍ଷା ବାହିନୀ (ବି.ଏସ୍.ଏଫ୍.) କର୍ମଚାରୀଙ୍କ ଉପରେ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

# 'ବିକାଶର ଧାରା, ଓଡ଼ିଶା ସାରା': ନୂଆପଡ଼ାରେ ଜାତି-ଜନଜାତି ସମ୍ବାଦ ବୈଠକ

ନୂଆପଡ଼ା, ୨୦/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ 'ବିକାଶର ଧାରା, ଓଡ଼ିଶା ସାରା' ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକ ସ୍ଥାନୀୟ ନ୍ୟାସନାଲ କଲେଜ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ବିକାଶ, ସେମାନଙ୍କ ସମସ୍ୟା, ସମ୍ଭାବନା ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସିଡିଓ ଲମ୍ବୋଦର ଧରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ଗତ ଦୁଇ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ଶିକ୍ଷା, ଛାତ୍ରବୃତ୍ତି, ଜୀବିକା ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହୋମସିଂ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ନିଜ ଅଭିଭାଷଣରେ ଶ୍ରୀ ମାଝୀ ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ବହୁମୁଖୀ ପଦକ୍ଷେପର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ବେଲମତୀ ମାଝୀ, ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ବୋଡେନ ବ୍ଲକ୍ ଉପାଧ୍ୟକ୍ଷା ସଙ୍ଗୀତା ମାଝୀ, ଦର୍ଲିମୁଣ୍ଡା ଗ୍ରାମ ପଂଚାୟତର ସରପଂଚ ସନ୍ଧ୍ୟାରାଣୀ ମିର୍ଦ୍ଧା, ଜିଲ୍ଲା ପରିଷଦ ସଦସ୍ୟ ଭରତଲାଲ ରାଉତ ଓ ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ଡମ୍ବ-ଗଣ୍ଡା ସମାଜ ଏବଂ ଅନୁସୂଚିତ ଜାତି କଲ୍ୟାଣ ସମିତିର ସଭାପତି ହରିକେଶ ଜାଲ, ଏବଂ ଅନୁସୂଚିତ ଜାତି କଲ୍ୟାଣ ସମିତିର ମୁରଲୀ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆଲୋଚନାଚକ୍ରରେ ଉପସ୍ଥିତ ସମ୍ପ୍ରଦାୟ ପ୍ରତିନିଧି, ହିତାଧିକାରୀ ଓ ଜନପ୍ରତିନିଧିମାନେ ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗରେ ନିଜ ମତାମତ ଓ ପରାମର୍ଶ ଉପସ୍ଥାପନ କରିଥିଲେ। ସମସ୍ତଙ୍କ ସହଭାଗିତା ଓ ସମନ୍ୱିତ ପ୍ରୟାସ ମାଧ୍ୟମରେ ଜିଲ୍ଲାର ସାମଗ୍ରିକ ବିକାଶକୁ ଆହୁରି ଗତିଶୀଳ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ଅନିଲ କୁମାର ଲେଙ୍କା ମଂଚ ପରିଚାଳନା କରିଥିଲେ ।

# ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ତୀବ୍ର ଜନଅସନ୍ତୋଷ

ଖୋରଧା , ୨୦/୬ (ନି.ପ୍ର): ଖୋରଧା ପୌରପରିଷଦ ଅଧିନସ୍ଥ ୱାର୍ଡ଼ ନଂ -୨୦ (ତଳସାହି) ଅଞ୍ଚଳରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ଏବେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ସହର ର ଶାନ୍ତ ପରିବେଶ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଏବଂ ଜନବସତି ମଧ୍ୟରେ ମଦ ଦୋକାନ ସ୍ଥାପନ ପାଇଁ ଉଦ୍ୟମ ଚାଲିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀ ଏକତ୍ରିତ ହୋଇ ଖୋରଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଉକ୍ତ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବାକୁ ଦାବି ଅନୁରୋଧ କରିଛନ୍ତି କ୍ଷ ପ୍ଲଟ ନଂ ୪୫୭/୫୮୩୧/୬୧୭୫,୪୫୭/୫୮୩୧ ଏବଂ ଖାତା ନଂ -୬୪୮/୩୦୦୫, ୬୪୮/୨୦୬୩ ପ୍ଲଟ ନଂ -୪୫୭/୫୦୭୯,୪୫୭/୫୩୧୬ ରେ ଏକ ଦେଶୀ ମଦ ଦୋକାନ ସ୍ଥାପନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ସ୍ଥାନର ଚାରିପାଖରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ନିକଟରେ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ମନ୍ଦିର ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନ ରହିଥିବାରୁ ଏଠାରେ ମଦ ଦୋକାନ ଖୋଲିବା ଜନସ୍ୱାର୍ଥ ବିରୋଧୀ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଏକ ଶାନ୍ତିପୂର୍ଣ୍ଣ ପରିବେଶ ପାଇଁ ପରିଚିତ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ବୃଦ୍ଧବୃଦ୍ଧାମାନେ ନିଜ ଦୈନନ୍ଦିନ କାର୍ଯ୍ୟରେ ଏହି ଅଞ୍ଚଳର ରାସ୍ତା ରେ ଯିବା ଆସିବା କରନ୍ତି। ଯଦି ଏଠାରେ ମଦ ଦୋକାନ ଖୋଲାଯାଏ, ତେବେ ମଦ୍ୟପାନକାରୀଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ସାମାଜିକ ଅସୁରକ୍ଷା, ଝଗଡ଼ା, ଅଶାନ୍ତି ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଅବକାରୀ ଆଇନ -୨୦୦୮ ମଦ ବିକ୍ରୟ କେନ୍ଦ୍ର ସ୍ଥାପନ ସମୟ ରେ ସାର୍ବଜନୀନ ସ୍ୱାର୍ଥ, ଧାର୍ମିକ ସ୍ଥାନ, ଶିକ୍ଷାନୁଷ୍ଠାନ ଏବଂ ବାସପୋଯୋଗୀ ଅଞ୍ଚଳ ର ସୁରକ୍ଷା ଓ ଶାନ୍ତି କୁ ବିଚାର କରାଯିବା ଆବଶ୍ୟକ କ୍ଷ ମାତ୍ର ରାଜସ୍ୱ ସଂଗ୍ରହ ପାଇଁ ଲୋକଙ୍କ ସାମାଜିକ ସୁରକ୍ଷାକୁ ବିପଦରେ ପକାଇବା ଉଚିତ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳ ର ଅଧିବାସୀ ମାନେ କହିଛନ୍ତି। ବିଶେଷ କରି ମହିଳାମାନେ ଏହି ପ୍ରସ୍ତାବକୁ ନେଇ ଅଧିକ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମଦ ଦୋକାନ ଖୋଲିବା ପରେ ଘରୋଇ ହିଂସା, ପାରିବାରିକ କଳହ ଏବଂ ସାମାଜିକ ସମସ୍ୟା ବୃଦ୍ଧି ପାଇବାର ଅନେକ ଉଦାହରଣ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଦେଖାଯାଇଛି। ଅନ୍ୟପଟେ, ଅଞ୍ଚଳର ଅଭିଭାବକମାନେ ମଧ୍ୟ ନିଜ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ, ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ରହିଲେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ଓ ଶିକ୍ଷା ପରିବେଶ ଉପରେ ଖରାପ ପ୍ରଭାବ ପଡ଼ିପାରେ। ଏହା ସହିତ ମଦ୍ୟପ ଅବସ୍ଥାରେ ଲୋକଙ୍କ ଯାତାୟାତ ଫଳରେ ରାସ୍ତା ସୁରକ୍ଷା ମଧ୍ୟ ପ୍ରଭାବିତ ହେବ। ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ମଦ ଦୋକାନ ସ୍ଥାପନ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ମତାମତକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇନାହିଁ। ଅଞ୍ଚଳବାସୀ ଙ୍କ ଅଭିଯୋଗ ଯେ, ଏହି ପ୍ରସ୍ତାବ ସମ୍ପର୍କରେ ସାଧାରଣ ଲୋକଙ୍କ ସହ କୌଣସି ବ୍ୟାପକ ଆଲୋଚନା କରାଯାଇନଥିଲା। ତେଣୁ ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଜଣାଇ ପ୍ରଶାସନ ଲୋକଙ୍କ ଆପତ୍ତିକୁ ଗୁରୁତ୍ୱ ସହ ବିଚାର କରିବା ଆବଶ୍ୟକ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା: ପୁରୀରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

ପୁରୀ, ୨୦/୬ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ଆଜି ପୁରୀ ସର୍କିଟ ହାଉସ ସମ୍ମିଳନୀ ଗୃହରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା ଅଭିଯାନର ଅଂଶ ବିଶେଷ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବିସ୍ତୃତ ସୂଚନା ଦେଇ ଆମ ସରକାର ଲୋକଙ୍କ ସରକାର ଓ ସେମାନଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇ ଗତ ଦୁଇ ବର୍ଷ ମଧ୍ୟରେ ୧୪୬୫୧ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଶତକଡା ୯୫ ହାରରେ ୧୩୮୯୭ ଟି ର ସମାଧାନ ହୋଇଛି ବୋଲି କହିଥିଲେ। ଅଭିଯୋଗ ଶୁଣାଣିରେ ମଧ୍ୟ ୮୬ ଜଣ ହିତାଧିକାରୀଙ୍କୁ ୭୩ ଲକ୍ଷ ୮୦ ହଜାର ଟଙ୍କାର ସହାୟତା ଦିଆଯାଇଛି। ପୁରୀ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଜାତୀୟ ଓ ରାଜ୍ୟର ମୋଟ ୧୨୮୭୭୬୭ ଜଣ ହିତାଧିକାରୀଙ୍କୁ ମଇ ଓ ଜୁନ ମାସ ଠାରୁ ମୁଣ୍ଡ ପିଛା ୫ କେଜି ପରିବର୍ତ୍ତେ ୧୦ କେଜି ଲେଖାଏଁ ଚାଉଳ ଦିଆଯାଉଛି।ପୁରୀ ଜିଲ୍ଲାରେ ୨୦୨୪-୨୫ ଖରିଫ ଋତୁରେ ୪୭୧୦୩ ଜଣ ଚାଷୀଙ୍କ ଠାରୁ ୨୦୫୩୮୮୪.୨୪ କ୍ୟୁଂଟାଲ ଓ ରବି ଋତୁରେ ୨୫୩୨୧ ଜଣଙ୍କ ଠାରୁ ୬୦୦୪୬୮.୮୨ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଚଳିତ ବର୍ଷ ଖରିଫ ଋତୁରେ ୫୮୦୦୫ ଜଣଙ୍କ ଠାରୁ ୨୦୩୬୪୫୯.୫୬ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁଭଦ୍ରା ଯୋଜନାରେ ଜିଲ୍ଲାର ୪୨୦୦୦୩ ଜଣ ହିତାଧିକାରୀଙ୍କୁ ୮୫୩ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାର ୧୭୬୧୩ ଜଣ ଲକ୍ଷ ପତି ଦିଦି ସୃଷ୍ଟି ହୋଇ ପାରିଛନ୍ତି। ଜିଲ୍ଲାରେ ୭୧୭୬୬୨ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୫୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି। ଚିକିତ୍ସା ସୁବିଧା ବାବଦରେ ଖର୍ଚ୍ଚ ହୋଇଛି ୩୦୩, ୬୩,୯୦, ୬୯୨ ଟଙ୍କା। ବୟୋ ବନ୍ଦନା ଯୋଜନାରେ ୩୮୬୭୦ କାର୍ଡ ବଂଟନ କରାଯାଇଛି। ଜନଜାତି ବିକାଶ କ୍ଷେତ୍ରରେ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ର ବୃତି ପାଇଁ ୧୧୪୧୨୦ ବିଦ୍ୟାର୍ଥୀଙ୍କୁ ପ୍ରାୟ ୮୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୩୧ଟି ଗ୍ରାମକୁ ୪୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମଧୁବାବୁ ପେନସନ ଯୋଜନାରେ ୨୦୨୪-୨୫ ରେ ୫୪୩୬ ଜଣ ଓ ୨୫-୨୬ ରେ ୫୮୫୯ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୪୬୩ ଜଣ ଓ ଅନ୍ତୋଦୟ ଗୃହ ଯୋଜନାରେ ୩୪୯୮ ଜଣ ଉପକୃତ ହୋଇଛନ୍ତି। ପୁରୀ ଆଇଟିଆଇକୁ ୧୦୦ କୋଟି ଟଙ୍କା ବ୍ୟୟରେ ଉତ୍କର୍ଷ ଆଇଟିଆଇ କରାଯିବ। ଡେଲାଙ୍ଗ ଓ ନିମାପଡାରେ ୨ ଗୋଟି ଏମ ଏସ ଏମ ଇ ପାର୍କ କରାଯିବ। ଓଡିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଓ ଡିଫେନ୍ସରେ ସହାୟକ ଉପକରଣ ପାଇଁ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଓ ବିବିଧ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ଗୁଣ୍ଡାଙ୍କ ଦ୍ୱାରା ଦଖଲ ହୋଇଥିବା ବିଦ୍ୟାଳୟକୁ ସାହା ହେଲେ କେନ୍ଦ୍ରମନ୍ତ୍ରୀ

ରାଉରକେଲା, ୨୦/୬ (ନି.ପ୍ର): ରାଉରକେଲା ସହର ଛେଣ୍ଡ କଲୋନୀରେ ଥିବା ସାଇ ଶିଶୁମନ୍ଦିର ବିଦ୍ୟାଳୟକୁ କେତେକ ଗୁଣ୍ଡା ବଳ ପୂର୍ବକ ତାଲା ଭାଙ୍ଗି ଦଖଲକୁ ନେବା, ଛେଣ୍ଡ ପୁଲିସ ସ୍କୁଲ ମ୍ୟାନେଜମେଣ୍ଟ ର ଏତଲା ନରଖି ଗୁଣ୍ଡା ମାନଙ୍କୁ ସହଯୋଗ କରିବା ଭଳି ଏକ ଘଟଣାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ହସ୍ତକ୍ଷେପ କରି ସାହାଯ୍ୟ କରିବାରୁ ଅନେକ ଆଦିବାସୀ ପରିବାର ସ୍କୁଲ ପିଲାଙ୍କ ଅଭିଭାବକ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ଛେଣ୍ଡ ପୁଲିସ ଏହି ମାମଲାରେ ଏତଲା ନରଖି ଗୁଣ୍ଡା ଓ ଜମି ମାଫିଆ ମାନଙ୍କୁ ସହଯୋଗ କରି କି ପ୍ରକାର ପୁଲିସ ପଣିଆ ଦେଖାଇଛି ତା'ର ତଦନ୍ତ ଲାଗି ଦାବି ହେବା ସହ ମନ୍ତ୍ରୀ ମଧ୍ୟ ଏନେଇ ତଦନ୍ତ ଲାଗି ଏସପିଙ୍କୁ ଚିଠି ଲେଖିଛନ୍ତି। ଏହି ବିଦ୍ୟାଳୟ ସାଇ ଶିଶୁ ମନ୍ଦିରକୁ ଜୟନ୍ତୀ ଦାସ ନାମକ ମହିଳା ଚଳାଇ ଆସିବା ସହ ଅନେକ ଆଦିବାସୀ ପିଲାଙ୍କୁ ମାଗଣା ପାଠ ପଢାଇ ଆସୁଥିଲେ। ତେବେ ଛେଣ୍ଡରେ ଥିବା ଏହି ବିଦ୍ୟାଳୟର ସରକାରୀ ଜାଗା ଉପରେ କିଛି ଜମି ମାଫିଆ, ଦଲାଲ ଓ ଅସାମାଜିକ ଲୋକଙ୍କର ନଜର ପଡିଥିଲା। ସେମାନେ ପୁଲିସକୁ ହାତ କରି ତାଲା ଭାଙ୍ଗି ବିଦ୍ୟାଳୟର ସାମଗ୍ରୀ, ନଗଦ ଅର୍ଥ ଲୁଟିବା ସହ ବିଦ୍ୟାଳୟକୁ ତାଲା ପକାଇ ଦଖଲ କରିଥିଲେ ବୋଲି ବିଦ୍ୟାଳୟର ମୁଖ୍ୟ ଜୟନ୍ତୀ ଦାସ କହିଛନ୍ତି। ପରେ ସେ ଏନେଇ ଥାନାରେ ଜଣାଇବା ପରେ ଥାନା ବାବୁ କୌଣସି ପଦକ୍ଷେପ ନନେଇ ଗୁଣ୍ଡା ମାନଙ୍କ ସହ ମିଶି ରହିବାକୁ ଏହି ମହିଳାଙ୍କୁ ଶପଥ ପାଠ କରାଇବା ସହ ଭିଡିଓ କରିଥିବା ମାଡାମ ଦାସ କହିଛନ୍ତି। ପରେ ସେ ସେ ଜୁଏଲଙ୍କ ପ୍ରତିନିଧି ଶ୍ରୀ ପାଣ୍ଡ୍ୱାନଙ୍କୁ ଯୋଗାଯୋଗ କରି ଜୁଏଲଙ୍କୁ ଭେଟି ବିଦ୍ୟାଳୟକୁ ପାଇଛନ୍ତି ଓ ତାଲା ଖୋଲିଛନ୍ତି। ଏହି ଘଟଣାରେ ଜୁଏଲ ଜିଲ୍ଲାପାଳ,ଏସପି ଓ ଡିଇଓ ସୁନ୍ଦରଗଡ଼ଙ୍କୁ ଚିଠି ଲେଖି ବିଦ୍ୟାଳୟକୁ ସହଯୋଗ କରିବାକୁ କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଜଣେ ମହିଳାଙ୍କ ଏତଲାକୁ ପୁଲିସ ଗ୍ରହଣ ନକରି ଗୁଣ୍ଡା ମାନଙ୍କ ସହ ରହିବା ଲାଗି ବାଧ କରିବା, ଗୁଣ୍ଡା ମାନଙ୍କୁ ନ ବାନ୍ଧି ଛାଡ଼ିଦେବା କୌଣସି ମାମଲା ନକରିବା ପଛରେ ରାଉରକେଲା ପୁଲିସର କି ମହତ ଉଦ୍ଦେଶ୍ୟ ରହିଛି ତାହା ମୋହନ ସରକାରର କେଉଁ ଫର୍ମୁଲାରେ ଆସୁଛି ତା'ର ତଦନ୍ତ କରିବ କିଏ ?

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଗଞ୍ଜାମ, ୨୦/୬ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଅଙ୍କୁଶପୁର ସ୍ଥିତ ଓମଫେଡରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ହରିହର ବେହେରା ଗତକାଲି ରାତି ପ୍ରାୟ ଦଶଟା ବେଳେ ନିଜ କାମସାରି ଘରକୁ ଫେରୁଥିବା ବେଳେ ଅଙ୍କୁଶପୁର ଲକ୍ଷ୍ମୀ ନୃସିଂହ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଖବର ପାଇ ସଦର ଥାନା ପୁଲିସ ଏହି ଆହତ ବ୍ୟକ୍ତିଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଥାନାରେ କେସ ନମ୍ବର ୩୯୧/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

# ଜମିଜମା ବିବାଦର ସ୍ଥାୟୀ ସମାଧାନ ପାଇଁ ଶୁଭାରମ୍ଭ ହେଲା 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ': ଭାରତରେ ପ୍ରଥମ ଏଆଇ-ଆଧାରିତ ପ୍ଲାଟଫର୍ମ




ଭୁବନେଶ୍ୱର, ୨୦/୬ (ନି.ପ୍ର): ଭାରତରେ ଜମି କିଣାବିକା ଏବଂ ମାଲିକାନା ସର୍ବଦା ଆଇନଗତ ଜଟିଳତା ଭିତରେ ଛନ୍ଦି ହୋଇ ରହିଥାଏ। ଏହାର ଏକ ବୈଷୟିକ ଏବଂ ସ୍ଥାୟୀ ସମାଧାନ ନେଇ ଆସିଛି 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' । ଜମିଜମା ସମ୍ପର୍କିତ ସମସ୍ତ କାଗଜପତ୍ର ଏବଂ ଆଇନଗତ ପ୍ରକ୍ରିୟାକୁ ସରଳ ତଥା ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲ ଠାରେ ଏହାର ଅଭିନବ ଏଆଇ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି, ଯାହା ସମଗ୍ର ଭାରତରେ ପ୍ରଥମ। ଭାରତରେ ଜମିର କ୍ରୟ-ବିକ୍ରୟ ଏକ ବଡ଼ ସମସ୍ୟା। ଅସ୍ୱଷ୍ଟ ଦସ୍ତାବିଜ୍ ବା କାଗଜପତ୍ର, ଭୁଲ୍ ରେକର୍ଡ, ଏବଂ ଜବରଦଖଲ ପରି ସମସ୍ୟା ପାଇଁ ଜମି କିଣାବିକା ବହୁମାତ୍ରାରେ ବାଧାପ୍ରାପ୍ତ ହେଉଛି ଏପରିକି ଜମି କିଣାବିକା ବ୍ୟବସାୟ ମଧ୍ୟ ମନ୍ଥର । ଜମିର ଆଇନଗତ ଅସ୍ୱଷ୍ଟତା କାରଣରୁ ନିବେଶକମାନେ ପୁଞ୍ଜି ବିନିଯୋଗ ପାଇଁ ଭୟ କରୁଥିବା ବେଳେ, ପିଢ଼ି ପରେ ପିଢ଼ି ଲାଗି ରହୁଥିବା ବିବାଦ ସାଧାରଣ ଲୋକଙ୍କ ମାନସିକ ଶାନ୍ତି ଛଡ଼ାଇ ନେଉଛି। ଏହି ସବୁ ସମସ୍ୟାର ଅନ୍ତ ଘଟାଇବା ପାଇଁ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' ଟେକ୍ନୋଲୋଜିର ସାହାରା ନେଇଛି। ଏହି ପ୍ଲାଟଫର୍ମ ଜରିଆରେ ଜମିର ପ୍ରକୃତ ସ୍ଥିତି ଯାଞ୍ଚ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ମାଧ୍ୟମରେ ଆପଣଙ୍କ ଜମିର କାଗଜପତ୍ର ଅନୁଶୀଳନ ଓ ତଦାରଖ, ଜମିର ସଠିକ୍ ମୂଲ୍ୟାୟନ, ଏବଂ ଆଇନଗତ ବିବାଦର ସମାଧାନ ପାଇଁ ବିଶେଷଜ୍ଞଙ୍କ ସହାୟତା ମିଳିପାରିବ। ଗୋଟିଏ କ୍ଲିକ୍‌ରେ ସରକାରୀ ରେକର୍ଡର ସ୍ୱଚ୍ଛ ଚିତ୍ର ଏବେ ଲୋକଙ୍କ ପାଖରେ ଉପଲବ୍ଧ ହେବ। ଯେପରିକି ଭୂଲେଖକୁ ଅତି ସହଜରେ ବ୍ୟବହାର କରିହେବ । ଏହି ସେବା ଦ୍ୱାରା ସ୍ଥାନୀୟ ଲୋକମାନେ ନିଜ ଜମିର ରେକର୍ଡକୁ ଅତି ସହଜରେ ବୁଝିପାରିବେ ଏବଂ ଭବିଷ୍ୟତରେ ହେବାକୁ ଥିବା ଠକେଇର ଶିକାର ହେବାରୁ ବର୍ତ୍ତିପାରିବେ। ଅନ୍ୟପକ୍ଷରେ, ଡିଜିଟାଲ୍ ତଥ୍ୟ ଏବଂ ଟେକ୍ନୋଲୋଜି ଆଧାରରେ ବେଆଇନ ଜବରଦଖଲ ରୋକିବା, ଦଲିଲ୍ ଜାଲିଆତି ଧରିବା ଏବଂ ଜମିଜମା ମାମଲାର ଦ୍ରୁତ ଫଇସଲା କରିବାରେ ଏହା ଉଭୟ ଓଡ଼ିଶା ତଥା କେନ୍ଦ୍ର ସରକାରଙ୍କ ପାଇଁ ଏକ ବଳିଷ୍ଠ ଅସ୍ତ୍ର ସାଜିପାରେ ।ପ୍ରତିଷ୍ଠାତା ଓ ଟିମ୍ ସମ୍ପର୍କରେ ଓଡ଼ିଆ ପୁଅ ଅମରେନ୍ଦ୍ର ସାହୁଙ୍କ ଦୂରଦୃଷ୍ଟି ଏବଂ ନେତୃତ୍ୱରେ ଏହି ପ୍ଲାଟଫର୍ମଟିର ପରିକଳ୍ପନା କରାଯାଇଛି। ଅମରେନ୍ଦ୍ର, ଜମି ସହ ଜଡ଼ିତ ପାରିବାରିକ ଆବେଗ ଓ ବିବାଦକୁ ନିକଟରୁ ଦେଖିଛନ୍ତି। 'ଭାଗବଣ୍ଟା ଏବଂ ଜମି ବିବାଦ କିପରି ସମ୍ପର୍କ ନଷ୍ଟ କରେ ତାହା ସଭିଏଁ ଜାଣନ୍ତି। ତେଣୁ ଜମି ମାଲିକାନାକୁ ସହଜ, ସ୍ୱଚ୍ଛ ଓ ବିବାଦମୁକ୍ତ କରିବା ମୋର ମୁଖ୍ୟ ଲକ୍ଷ୍ୟ,' ବୋଲି ସେ ପ୍ରକାଶ କରିଛନ୍ତି। ଅମରେନ୍ଦ୍ରଙ୍କ ସହିତ ଏହି ପ୍ରକଳ୍ପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମୁଖ୍ୟ ଭାବେ ବିକାଶ ପାତ୍ର ଏବଂ ୟୁଆଇ/ୟୁଏକ୍ସ ବିଶେଷଜ୍ଞ ଭାବେ ଶାନାଭାସ ବାଇଜୁଙ୍କ ଭଳି ଅଭିଜ୍ଞ ଟିମ୍ ସଦସ୍ୟମାନେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ମାଟିରୁ ଆରମ୍ଭ ହୋଇଥିବା ଏହାର ଯାତ୍ରା ଖୁବ୍ ଶୀଘ୍ର ଦେଶର ଅନ୍ୟ ପ୍ରମୁଖ ରାଜ୍ୟକୁ ସମ୍ପ୍ରସାରିତ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାରେ ସଫଳତାର ସହ କାର୍ଯ୍ୟ ଆରମ୍ଭ କରିବା ପରେ, ଖୁବ୍ ଶୀଘ୍ର କର୍ଣ୍ଣାଟକ ଏବଂ ତାମିଲନାଡୁରେ ମଧ୍ୟ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' ଏହାର ସେବା ଆରମ୍ଭ କରିବା ନେଇ ଯୋଜନା ରଖିଛି। ଜ୍ଞାନକୌଶଳ ଏବଂ ଆଇନଗତ ବିଶେଷଜ୍ଞଙ୍କ ମିଶ୍ରଣରେ 'ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ' ଭାରତରେ ରିଅଲ୍ ଇଷ୍ଟେଟ୍ ଏବଂ ଜମି ପରିଚାଳନା କ୍ଷେତ୍ରରେ ଏକ ନୂତନ ଇତିହାସ ସୃଷ୍ଟି କରିବା ଦିଗରେ ଅଗ୍ରସର ହେଉଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖ ରିଅଲ୍ ଇଷ୍ଟେଟ୍ ମାଲିକ, ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ ର ସେବା ନେଇଥିବା ବହୁ ଉପଭୋକ୍ତା ଓ ଉପସ୍ଥିତ ପ୍ରତିଷ୍ଠିତ ସାମ୍ବାଦିକ ମାନେ ଏହାର ପ୍ରସଂଶା କରିବା ସହ ଜୋର ଦେଇ କହିଥିଲେ ଯେ ଓଡ଼ିଶାରେ ପୁଣି ଜମିଜମା ବ୍ୟବସାୟର ସ୍ୱର୍ଣ୍ଣିମ ଯୁଗ ଦି ଲ୍ୟାଣ୍ଡ ବ୍ୟାଙ୍କର୍ସ ଆରମ୍ଭ କରିବ ।

# ଅବ୍ୟବସ୍ଥା ଘେରରେ କୁଟାରୀପଶି ପଂଚାୟତ: ଭୂତକୋଠି ସାଜିଛି ପ୍ରାଣୀ ଚିକିତ୍ସା ଓ କୃଷକ ପରାମର୍ଶ କେନ୍ଦ୍ର

ଚମ୍ପୁଆ, ୨୦/୬ (ନି.ପ୍ର): କଥାରେ ଅଛି 'ଗାଁ ପରିମଳ ଧୋବା ତୁଠରୁ'। କିନ୍ତୁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କୁଟାରୀପଶି ପଂଚାୟତ କାର୍ଯ୍ୟାଳୟ ପରିସରକୁ ଦେଖିଲେ ଏହି ଉକ୍ତିଟି ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହେଉଛି। ସରକାର ଗ୍ରାମାଚଂଳର ବିକାଶ ଓ ସ୍ଥାନୀୟ ଲୋକଙ୍କୁ ସେବା ଯୋଗାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଏହି ପଂଚାୟତ କାର୍ଯ୍ୟାଳୟଟି ଏବେ ବିଭିନ୍ନ ଅବ୍ୟବସ୍ଥା ଓ ପ୍ରଶାସନିକ ଅବହେଳାର ପେଣ୍ଠସ୍ଥଳ ପାଲଟିଛି। ଏଥିପ୍ରତି ନା ବ୍ଲକ ପ୍ରଶାସନର ନଜର ଅଛି, ନା ଅଛି ପଂଚାୟତ ପ୍ରଶାସନର ଆନ୍ତରିକତା। ଏହି ପଂଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖ ଦୀର୍ଘ ଦିନ ହେବ ଅନାବନା ଘାସ ଏବଂ ଲତାବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। କାର୍ଯ୍ୟାଳୟର ମୁଖ୍ୟ ଗେଟ୍ ଟି ଭାଙ୍ଗି ପଡ଼ିଥିଲେ ମଧ୍ୟ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପରିସର ମଧ୍ୟରେ ଥିବା ପେଭରବ୍ଲକ ଉପରେ ଏବେ ଘାସର ଆସ୍ତରଣ ଚରି ଗଲାଣି, ଯାହା ପଂଚାୟତ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତା ସହିତ ସମଗ୍ର ପରିସର ଏବେ ସମ୍ପୂର୍ଣ୍ଣ ଭାବେ ଲତାବୁଦା ଜଙ୍ଗଲରେ ପରିଣତ ହୋଇଛି।୨୦୦୨ ମସିହାରେ କୁଟାରୀପଶି ପଂଚାୟତ ସ୍ଥାପିତ ହେବା ପରେ କାର୍ଯ୍ୟାଳୟ ପରିସର ଭିତରେ ଏକ ପ୍ରାଣୀ ଚିକିତ୍ସା ସହାୟତା କେନ୍ଦ୍ର ନିର୍ମାଣ କରାଯାଇଥିଲା। ମାତ୍ର ଦୁଃଖର ବିଷୟ, ନିର୍ମାଣ ହେବା ଦିନଠାରୁ ଏଠାରେ କୌଣସି କର୍ମଚାରୀ ରହୁ ନଥିବାରୁ ଏହି ଗୃହଟି ଦୀର୍ଘ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ସ୍ଥାନୀୟ ଲୋକେ ନିଜ ଗୋଧନର ଚିକିତ୍ସା ପାଇଁ କୋଦଗାଡ଼ିଆ ପଂଚାୟତର ଚିମିଳା ସ୍ଥିତ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଲୋକମାନେ ବୈତରଣୀ ନଦୀ ପାର ହୋଇ ଦୀର୍ଘ ୧୦ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଯାଇ ପଶୁ ଚିକିତ୍ସା ସେବା ପାଇପାରୁଛନ୍ତି। ଅନୁରୂପ ଭାବେ, ଚାଷୀଙ୍କ ସହାୟତା ଓ ପରାମର୍ଶ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୃଷକ ପରାମର୍ଶ କେନ୍ଦ୍ର ଉପରେ ମଧ୍ୟ ଏବେ ଜଙ୍ଗଲ ମାଡ଼ି ଗଲାଣି। ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ତିଆରି ହୋଇଥିବା ଆରୋଗ୍ୟ କେନ୍ଦ୍ରର ଚାରିପାଖ ଏତେ ଅସ୍ୱାସ୍ଥ୍ୟକର ପରିବେଶରେ ଘେରି ରହିଛି ଯେ, ସେଠାରେ ରୋଗୀ କିଭଳି ସେବା ପାଉଥିବେ ତାହା ସହଜରେ ଅନୁମାନ କରାଯାଇପାରେ। ପଂଚାୟତ କାର୍ଯ୍ୟାଳୟ ପରିସର ବଗିଚା ସାଜସଜ୍ଜା ପାଇଁ ଆର୍ଥିକ ବର୍ଷ ୨୦୨୫-୨୬ରେ ୨ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି କାମର କାର୍ଯ୍ୟାଦେଶ ଖୋଦ ଗ୍ରାମପଂଚାୟତ କୁଟାରୀପଶି ନାମରେ ରହିଥିବା ବେଳେ ବଗିଚାର ରକ୍ଷଣାବେକ୍ଷଣ ଅଭାବରୁ ଏହା ମଧ୍ୟ ଅନାବନା ଘାସ, ଲତାରେ ପରିପୂର୍ଣ୍ଣ ହୋଇପଡିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ପଂଚାୟତରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏକ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏହି କେନ୍ଦ୍ରଟି ଏଭଳି ଘଂଚ ଲତାବୁଦା ମଧ୍ୟରେ ପୋତି ହୋଇ ରହିଛି ଯେ, ସେଠାକୁ ମଣିଷ ତ ଦୂରର କଥା, ପଶୁପକ୍ଷୀ ମଧ୍ୟ ପଶିବା ସମ୍ଭବପର ନୁହେଁ। ସରକାରୀ ଯୋଜନାର ଏଭଳି ଅପବ୍ୟୟ ଏବଂ ପଂଚାୟତ କାର୍ଯ୍ୟାଳୟର ଏହି ଦୟନୀୟ ସ୍ଥିତିକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କୁଟାରିପଶୀ ପଂଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଜରଡ଼ା ପୋଲିସ ଦ୍ୱାରା ଆକ୍ରମଣ ମାମଲା ରୁଜୁ: ଅଭିଯୁକ୍ତ ଗିରଫ

ଗଞ୍ଜାମ, ୨୦/୬ (ନି.ପ୍ର): ଜରଡ଼ା ଥାନାରେ ବିଏନଏସ (ଭାରତୀୟ ନ୍ୟାୟ ସଂହିତା) ର ଧାରା ୨୬(ବି), ୧୧୫(୨), ୧୧୮(୨), ୧୦୯(୧), ୩୫୧(୩), ୩(୫) ଏବଂ ଆର୍ମସ ଆକ୍ଟ (ଅସ୍ତ୍ରଶସ୍ତ୍ର ଆଇନ) ର ଧାରା ୨୭ ଅନ୍ତର୍ଗତ ମାମଲା ନମ୍ବର ୨୦୯, ତାରିଖ ୧୭.୦୬.୨୦୨୬ ରୁଜୁ କରାଯାଇଛି। ଏହି ମାମଲାଟି ୧୭.୦୬.୨୦୨୬ ରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ନନ୍ଦିଗାଁ ସ୍କୁଲ ନିକଟରେ ସେହି ଗ୍ରାମର ବିପିନ ବେହେରା (୫୨)ଙ୍କ ଦ୍ୱାରା ନନ୍ଦିଗାଁ ଗ୍ରାମର ଶାନ୍ତି ବେହେରା (୫୦)ଙ୍କୁ ଆକ୍ରମଣ କରାଯିବା ସହ ଜଡ଼ିତ। ବ୍ୟକ୍ତିଗତ କାରଣରୁ ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ଅଭିଯୁକ୍ତ ଜଣକ ପୀଡ଼ିତଙ୍କୁ ଏକ ଖଣ୍ଡା (କାତି) ସାହାଯ୍ୟରେ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା ଏବଂ ପରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ବର୍ତମାନ ସେ ଚିକିତ୍ସିତ ହେଉଛନ୍ତି। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ଏକ ଖଣ୍ଡା ଏବଂ ଏକ ଟିଭିଏସ ଏକ୍ସଏଲ୍ ମୋଟରସାଇକେଲ (ପଞ୍ଜୀକରଣ ନମ୍ବର ଓଡି୦୭ବି-୧୨୦୬ ଜବତ କରାଯାଇଛି।

# ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କୋରାପୁଟରେ ଜନସମ୍ପର୍କ ପ୍ରଦର୍ଶନୀ ମେଳା ଉଦ୍ଘାଟିତ

ଜୟପୁର, ୨୦/୬ (ନି.ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସଂସ୍କୃତି ଭବନରେ 'ବିକାଶର ଧାରା ଓଡ଼ିଶା ସାରା' ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ପ୍ରଦର୍ଶନୀ ମେଳା ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅତିଥିମାନେ ପ୍ରଦର୍ଶନୀ ଷ୍ଟଲ୍ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ 'କୋରାପୁଟର ବିକାଶ' ଶୀର୍ଷକ ଡକ୍ୟୁମେଂଟାରୀ ଦେଖିଥିଲେ।
ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରସ୍ତୁତ 'ବିକାଶର ଧାରା ଓଡ଼ିଶା ସାରା' ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ୨ ବର୍ଷର ସଫଳତା ସମ୍ପର୍କିତ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଯାଇଥିଲା । ମଂଚରେ ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ଅନୁଦାନ ଓ ପ୍ରାପ୍ୟ ବଂଟନ କରିଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଗତ ଦୁଇ ବର୍ଷରେ କୋରାପୁଟ ଜିଲ୍ଲାରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଓ ସଫଳତା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ନିକଟରେ ଦଶମ ଶ୍ରେଣୀ ଉତୀର୍ଣ୍ଣ ଜଣେ ଛାତ୍ରୀ 'ମାଧବ ସିଂ ହାତ ଖର୍ଚ୍ଚ ଯୋଜନା'ର ପ୍ରଭାବ ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ୧୯ଟି ଷ୍ଟଲ୍ ଖୋଲାଯାଇଥିଲା। ସେଥିରେ ସରକାରୀ ଯୋଜନା, ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପ ଅଧ୍ୟକ୍ଷ ସୁକାନ୍ତି ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶାବର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସାମ୍ବାଦିକ ବନ୍ଧୁ ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।



# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୭ ଦେବଦତ୍ତ (ବୁଦ୍ଧଙ୍କ ସବୁଠାରୁ ବଡ଼ ବ୍ୟକ୍ତିଗତ ଶତ୍ରୁ) (ଖ)

ପାଞ୍ଚଶହ ଭ୍ରମିତ ଭିକ୍ଷୁଙ୍କ ସାହାଯ୍ୟରେ ସେ ସଂଘ ସମୁଦାୟକୁ ବିଭାଜିତ କରିବାର ଯୋଜନା କଲେ। ସେ ବୁଦ୍ଧଙ୍କୁ ଅନୁରୋଧ କରିଥିଲେ ଯେ ଭିକ୍ଷୁମାନଙ୍କୁ ଅତିରିକ୍ତ ପାଞ୍ଚଟି ନିୟମ ପାଳନ କରିବାକୁ ବାଧ୍ୟତାମୂଳକ କରାଯାଉ:

୧) ସେମାନେ ସାରାଜୀବନ ଜଙ୍ଗଲରେ ବିତାନ୍ତୁ।
୨) କେବଳ ଭିକ୍ଷାପ୍ରାପ୍ତ ଦାନରେ ବଞ୍ଚନ୍ତୁ।
୩) ମଇଳାଗଦା ଓ ଶ୍ମଶାନରୁ ସଂଗୃହୀତ ଛିଣ୍ଡାକପଡ଼ାରୁ ତିଆରି ପୋଷାକ ପିନ୍ଧନ୍ତୁ।
୪) ବୃକ୍ଷତଳେ ବାସ କରନ୍ତୁ।
୫) ସାରାଜୀବନ ମାଛ ବା ମାଂସ ଖାଇବାରୁ ନିବୃତ୍ତ ରହନ୍ତୁ।

ଦେବଦତ୍ତ ଏହି ଅନୁରୋଧ କରିଥିଲେ କାରଣ ସେ ଭଲଭାବରେ ଜାଣିଥିଲେ ଯେ ବୁଦ୍ଧ ଏଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବେ।

ଦେବଦତ୍ତ ଖୁସି ଥିଲେ ଯେ ବୁଦ୍ଧ ଉକ୍ତ ପାଞ୍ଚଟି ନିୟମକୁ ଅନୁମୋଦନ କରିନଥିଲେ ଏବଂ ସେ ଏହି ପ୍ରସଙ୍ଗର ଲାଭ ଉଠାଇ ନିଜର ସମର୍ଥକ ଓ ଅନୁଗାମୀଙ୍କୁ ଏକତ୍ରିତ କରିଥିଲେ। ଧର୍ମକୁ ଭଲଭାବରେ ଜାଣିନଥିବା ନବଦୀକ୍ଷିତ ଭିକ୍ଷୁମାନେ ବୁଦ୍ଧଙ୍କୁ ତ୍ୟାଗ କରିଥିଲେ ଏବଂ ଦେବଦତ୍ତଙ୍କୁ ସେମାନଙ୍କର ମୁଖ୍ୟ ଭାବରେ ଗ୍ରହଣ କରିନେଇଥିଲେ। ଶେଷରେ ପୂଜ୍ୟ ସାରୀପୁତ୍ତ ଓ ପୂଜ୍ୟ ମୋଗଲ୍ଲାନ ସେମାନଙ୍କୁ ଧର୍ମ ବୁଝାଇବା ପରେ ସେମାନେ ବୁଦ୍ଧଙ୍କ ପାଖକୁ ଫେରିଆସିଥିଲେ।

ଏହାପରେ ଦେବଦତ୍ତଙ୍କ ଖରାପ ସମୟ ଆସିଲା। ତାଙ୍କ ଯୋଜନା ବିଫଳ ହେବା ପରେ ସେ ବହୁତ ଅସୁସ୍ଥ ହୋଇପଡ଼ିଲେ ଏବଂ ମୃତ୍ୟୁପୂର୍ବରୁ ସେ ତାଙ୍କ କାର୍ଯ୍ୟ ପାଇଁ ଅନୁତାପ କଲେ। ସେ ମୃତ୍ୟୁପୂର୍ବରୁ ବୁଦ୍ଧଙ୍କୁ ଦର୍ଶନ କରିବାକୁ ଚାହୁଁଥିଲେ, ମାତ୍ର ତାଙ୍କର ଦୁଷ୍ଟ କର୍ମର ଫଳ ପକ୍ୱହେବା ଆରମ୍ଭ ହୋଇଥିଲା, ଯେଉଁ କାରଣରୁ ସେ ଏହା କରିପାରିନଥିଲେ। ଜେତବନ ମଠର ଦ୍ୱାର ନିକଟରେ ବୁଦ୍ଧଙ୍କୁ ଦର୍ଶନ କରିବାକୁ ଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ମୃତ୍ୟୁ ପୂର୍ବରୁ ସେ ବୁଦ୍ଧଙ୍କ ଶରଣ ନେଇଥିଲେ।

ଯଦିଓ ତାଙ୍କର ଜଘନ୍ୟ ଅପରାଧ ଯୋଗୁଁ ତାଙ୍କୁ ଦୟନୀୟ ଅବସ୍ଥାରେ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା, ତଥାପି ନିଜର ପ୍ରାରମ୍ଭିକ ଜୀବନରେ ସେ ଯେଉଁ ପବିତ୍ର ଜୀବନ ବିତାଇଥିଲେ, ତା'ର ଫଳସ୍ୱରୂପ ପରବର୍ତ୍ତୀ ଜନ୍ମରେ ସେ ଅତ୍ତିସାର ନାମକ ଜଣେ ପଚ୍ଚେକ ବୁଦ୍ଧ ହେବେ। ପଚ୍ଚେକ ବୁଦ୍ଧ (ଯିଏ ବୁଦ୍ଧବିନା ଚତୁଃ ଆର୍ଯ୍ୟସତ୍ୟକୁ ଅନୁଭବ କରି ଜ୍ଞାନପ୍ରାପ୍ତ ହୁଏ) ରୂପରେ ସେ ନିଜର ପ୍ରଚେଷ୍ଟା ଦ୍ୱାରା ଜ୍ଞାନ ପ୍ରାପ୍ତି କରିପାରିବେ। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮




# ମିନିଗଳ୍ପ-୧୧

## ମାମଲା (ଟ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଗାଁ'ରେ ଯୁଆନ ଦରବୁଢା ମିଶି ରଥକୁ ନାଟଆଖଡା କରନ୍ତି। ପଡିଶା ଗାଁ ଲୋକେ ଏଥିରେ ଅଣ୍ଟା ଲଗେଇ ସହଯୋଗ କରନ୍ତି। ନହୁଲିଝିଅ ନାଲିଫୁଲି ପାନଖିଲି ହୋଇ ଦେହରେ ପାଉଡର ଅତରମାଖି କାନି ହଲାଇ ଅଣ୍ଟା ଦୋହଲାଇ ଚାଲିଗଲା ବେଳକୁ ପଛରୁ ଛବିଶି ଆଙ୍ଗୁଠି ମଝି ଆଙ୍ଗୁଠିକୁ ଜିଭ ତଳେ ପୂରାଇ ଅମିତାଭ ବଚନ, ରାଜେଶଖାନା, ଶତୃଘ୍ନ ସିହ୍ନାମାନେ ସିଟି ନାଛି ଦେଇ ଯାଆନ୍ତି। ଭୁଆସୁଣୀ ପଶିଯାଆନ୍ତି ଶାଶୁ ଖୁଡିଶାଶୁଙ୍କ କୋଳରେ। ଆରମ୍ଭ ହୋଇଯାଏ ନିର୍ଘାତ ବିଷ୍ଣୁପୁରାଣ। ସାତପୁରୁଷ ଉଝାଳି ଦିଅନ୍ତି ପୁରୁଖାମାନେ ଏ ବଲବଲାଙ୍କର। ତଥାପି କି ଛାଡିବା ଯନ୍ତୁ ଏଗୁରାକ। ମଉକା ଦେଖି ବାଇଁଆ ପିଟି ହେଇଯିବେ, ନହେଲେ 'କଣ ନଦୁଉଚ ମ' କହି ଚାଲିଯିବେ।

ବିଚାରୀ କୁଆଁରୀ ଝିଅ, ଭୁଆସୁଣୀ କାନ୍ଦିକାନ୍ଦି ଅଥୟ। ବାହାରିବେ ଏମାନଙ୍କୁ ବୋଧ ଦେବାକୁ ଆଉ ଦଳେ ଶୁଖିଲା ମାମଲତକାର।

ନାଟତାମସା ଦେଖିବାକୁ ପାଲ, ଅଖା, ଛାପା ପକେଇ ବସିଥାନ୍ତି ଝିଅ ବୋହୂ, ବୁଢୀମାଉସୀ, ଖୁଡୀ ଓ କୋଳଛୁଆ। ଏକ ଲାଗିଲେ, ସିନ୍ ପରେ କନସର୍ଟ ପଡିବା ମାତ୍ରେ ଲୁଗା ଟେକିଟେକି ହାଉଲେ ହାଉଲେ ଭିଡ ଭିତରେ ପାଦ ପାଇଁ ଜାଗା ରଖି ଏମାନେ ଦଳଦଳ ହୋଇ ଉଠନ୍ତି। ଶୁଖିଲା ନାଳରେ ପଙ୍ଗପାଳ ପରି ବସିଯାଆନ୍ତି।

ଏମିତି ଦଳେ କାମସାରି ଆସୁଆସୁ ଗୋଟାଏ ବରବାଦିଆ ଟୋକା କାନି ଝିଙ୍କି ଦେଲା କେଉଁ ଝିଅର। ଟୋକା ପଡିଶା ଗାଁ'ର। ଚିଲେଇଲା ଝିଅ। ବୀରଦର୍ପରେ ଉଠି ଆସିଲେ ଉଦ୍ଧମାନେ। ଟାଙ୍କେ ଛେଚିଲେ। ଇସ୍କୁଲ ଘରକୁ ଟେକି ନେଇ ତାଲା ପକେଇ ଦେଲେ। ରାତି ପାହିଲା। ନାଟ ସଇଲା। ଯେ ଯୁଆଡେ ଗଲେ ଘରକୁ।

କଥା ପ୍ରଘଟ ହେଲା ପଡୋଶୀ ଗାଁ'ରେ। ଧାଇଁ ଆସିଲେ ତଡାବାଡି ଧରି ସେ ଗାଁ' ଟୋକା, ବୁଢା, ମାଇକିନିଆ, ଛୁଆ। ଇସ୍କୁଲ ବରଗଛ ମୂଳେ ଘୋଘୋ ସମୁଦ୍ର, ଠେଲାପେଲା, ଧସ୍ତାଧସ୍ତି, ଠୋଠା। ମୁଣ୍ଡ ଫାଟିଗଲା ଦି'ଜଣଙ୍କର। ଥାନାକୁ ଗଡିଲା ମାମଲା। ପୁଲିସ ଭଲ ନାଳି ଉଠେଇଲା। ସେପଟ ଗାଁ' ଦେଇ ଏପଟ ଗାଁ'ଲୋକ ଯାଆନ୍ତି ତୁମ୍ବେଶର ଗହୀର ହଳ ନେଇ। ଛକିଲେ ପିଟିବାକୁ। ଏପଟ ଗାଁ'ଦେଇ ଅଲଣାହାଟକୁ ଯିବାକୁ ପଡିବ। ଛକିଲେ ପଣ୍ଡିତ କୂଆପାଖରେ । ଟକରାଟକରି। ତ୍ରାହିତ୍ରାହି ଡାକିଲେ ଲୋକେ। ବନ୍ଧୁ ଘର ବାଟ ପଡିଗଲା। ଅବସ୍ଥା ଅସମ୍ଭାଳ।

ପୁଲିସି ଡକଉଥାଏ। ଦଫା ଲଗଉଥାଏ। ହଗଉଥାଏ।

କଣ କରାଯିବ। ଦି'ଗାଁ ଲୋକର ଦନ୍ତାମୂରବି ଉଠିଲେ ଆସ୍ଥାନରୁ। ଏକାଠି ହେଲେ ରାଧାମୋହନ ଚଉପାଢୀରେ। ଉଭୟ ଗାଁ'ର ସୀମା ଏଇଟା। ଗାଁ' ବୁଢାବୁଢୀମାନେ ତଳେ ତିନିମୁଣ୍ଡିଆ ହୋଇ ବସିଲେ।

ଅଇଲା ଠାକୁରଙ୍କ ଧଣ୍ଡା। ଛୁଇଁ ଶପଥ କଲେ ଉଭୟ ପକ୍ଷ।
ନଇପାଣି ନଇକି ଯା। କୂଅପାଣି କୂଅକୁ ଯା। ମୋ ସିଲଟ ଶୁଖିଯା।
ରାଗ ଗଲା। ମାମଲା ତୁଟିଲା।
ତା'ପରଦିନ ପୁରୁଖାଏ ନାଲି ଆଖି ଦେଖେଇବାରୁ ଛୁଆ ଆଉ ଗାଇଲେନି:
ଛ ଛ ବାର...
.... ଆ ଚୋର।
ବାରବାର ଚବିଶି...
..... ଆ ପୁଲିସି।
॥ ମାମଲା ଖଲାସ ॥


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
(ମୋ) ୯୭୭୬୫୪୬୧୩୦


# ପାଉଁଜିର ପାଣ୍ଡୁଲିପି-୨୫

**ବିପିନ ମହାନ୍ତି**



## କୁଆଡ଼େ ଗଲା ସେ'

କୁଆଡ଼େ ଗଲା ସେ' ଗାଧୁଆ ତୁଠର ଶିଉଳି ସରାଗ ପାଣି
କୁଆଡ଼େ ଗଲା ସେ' ତୁଠ ପଥରରେ ଏକା ଏକା ଭୁଆସୁଣୀ
କୁଆଡ଼େ ଗଲା ସେ' ସଞ୍ଜ ସାଉଁଳା ରୂପସୀର ଯୋଡ଼ା ବେଣୀ
କୁଆଡ଼େ ଗଲା ସେ' ବଧୂଲି ଗୋଇଠି ପାଦ ମାଜିବାର ଠାଣି।

କୁଆଡ଼େ ଗଲା ସେ' ପାଉଁଜିର ସ୍ୱର ନୂଆବୋହୂ ଥିରି ଚାଲି
କୁଆଡ଼େ ଗଲା ସେ' ଅଣ୍ଟା ନହକେଇ କଳସ କାଖେଇ ବାଲି
କୁଆଡ଼େ ଗଲା ସେ' ଗଭାର ଗଜରା ଚମ୍ପା, ଚାମେଲି, ମଲ୍ଲୀ
କୁଆଡ଼େ ଗଲା ସେ' କେଶବତୀ କନ୍ୟା ମାଆ, ମାଟିମୋହ ଭୁଲି।

କୁଆଡ଼େ ଗଲା ସେ' ଓଦା ସରସର ଦେହେ ଜଡ଼ିଥିବା ଶାଢ଼ି
କୁଆଡ଼େ ଗଲା ସେ' ହଳେ ଆଖି ଯିଏ ହୃଦୟକୁ ନିଏ ପଢ଼ି
କୁଆଡ଼େ ଗଲା ସେ' ନହୁଲୀ ବୟସୀ ପହିଲି ପ୍ରେମର ପେଢ଼ି
କୁଆଡ଼େ ଗଲା ସେ' ଅଳତା ଅଧୀର ଚୁଲ୍‌ବୁଲି ପାଦ ଯୋଡ଼ି।

କୁଆଡ଼େ ଗଲା ସେ' ଲାଜର ଓଢ଼ଣା ତଳର ସାଇତା ପ୍ରୀତି
କୁଆଡ଼େ ଗଲା ସେ' ନବ ନବେଲୀର ଚେନାଏ ଚୁମାର ସ୍ମୃତି।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


# କବିତା



## ସ୍ୱପ୍ନର ସହରେ

**ପର୍ଶୁରାମ ବେହେରା**

ଦୂରେ କାହିଁ ଦୂରେ ଆକାଶ ଶୁଣାଏ
ସବୁଜ ତାରାର ଗୀତି
ଜୋଛନା ପରଶେ ସୁରାର ପିଆଲା
ନିଶାରେ ଗରଜେ ରାତି।
ଛମ୍ ଛମ କାହା ପାଦର ପାଉଁଜି
ମଧୁର ରାଗିଣୀ ଗାଏ
ତନ୍ଦ୍ରା ବିଭୋର ବାସନ୍ତି ଜହ୍ନ କି
ଚକିତେ ଚୋରେଇ ଚାହେଁ।

ଚେତନାର ନୀଳ ସ୍ୱପ୍ନ ସାଉଣ୍ଟେଣ୍ଟ
କୁମାରୀ କୃଷ୍ଣ କେଶୀ
ଅନୁଢା ଆଖିର ଦୁଇଟୋପା ଅଶ୍ରୁ
ଅନଳଠୁ ଉଷ୍ମ ବେଶୀ ।
ମୟାବିନୀ ଏଇ ସ୍ୱପ୍ନର ସହରେ
ପରଦେଶୀ ବେସାହାରା
ମୋତେ ଲାଗେ ମୋର ଚଉପାଶେ ତମ
ଲଳିତ ବାହୁର କାରା।

ସାତ ସମୁଦ୍ରର ଶୋଷରେ ଅଧିର
ସୌଦାଗର ସଇରାତ
ତେର ନଈ ଆର ପରେ ମୁଁ ଗଢିଛି
ପ୍ରୀତିର ଇମାରତ ।
(ହେଲେ) ପଉଷ ଫୁଟାଏ ପାଉଁଶର ଫୁଲ
ମୋ ଝର୍କାର ଆରପାରେ
ଜୀବନତରୀ ମୋ ମଗ୍ନ ମଉନେ
ନିଶି ଭୋର୍ ହୁଏ ଧୀରେ।

ନଶ୍ୱର ଏ ଦେହ ଚାଲିଯିବ ଡେଇଁ
ଦୁନିଆର ପରିସୀମା
ଭାବୁଛି ମୁଁ ଆଜି ହୃଦୟକୁ ମୋର
ଦେଇଯିବି କାହା ଜିମା ?


♥ ଗ୍ରାମ - ଲୋକାପଡ଼ା, ପୋ - ଆଳି
ଜି - କେନ୍ଦ୍ରାପଡ଼ା- ୭୫୪୨୧୯
(ମୋ) ୮୦୧୮୯୯୯୫୮୫


## ଶୂନ୍ୟହାତ

**ବିଦ୍ୟୁତଲତା ଦାସ**



ଆକାଶକୁ ଆଖି ବଢାଇଲେ
ସେଠି ଖାଲି ନିର୍ବାକ୍ ଶୂନ୍ୟତା
ସାଗରକୁ ପାଦ ବଢାଇଲେ
ବ୍ୟସ୍ତତାର ତୀବ୍ର ଚଞ୍ଚଳତା
ହାତ ଆଉ ପାଦ ଥାଇ ନାହିଁ
ଏଠି ଖାଲି ସାଗରର ଅତଳ ଗଭୀରତା
ଆଉ ସ୍ନିଗ୍ଧ ଶାନ୍ତ ଆକାଶର ନିବିଡ ନିର୍ଲିପ୍ତତା ।

ବଂଚିବାପାଇଁ କିଛି ସଂଚିବା ତ
ନା ପୁଣ୍ୟ, ନା ପାପ
ନା ଆଉକିଛି ଗୋଟେ ନୂଆକଥା ?

ଗୋଟେ କାମକର
ନିଜେ ରାଜା, ମନ୍ତ୍ରୀ, କଟୁଆଳ ସାଜି
ଅଭିନୟର ଆତ୍ମରତିରେ ଆତ୍ମସଫେଇ ଦେଇ
ଆଗକୁ ଆଗକୁ ମାଡି ଯାଆ ।
ଖାଲି ମନେରଖ
ପଛକୁ ଫେରିବାର ବାଟ ନାହିଁ
ସବୁ ଯନ୍ତ୍ରଣା, ଆଉ ଅସଜଡା
ଆଗକୁ ଚାଲିବାକୁ ହାଟ ନାହିଁ
ସବୁ ମନ୍ତ୍ରଣା, ସବୁ ବାଟହୁଡା ।

ପୃଥିବୀ ଏଠି ସୀମିତ
ଆକାଶ ଓ ସାଗରର ପ୍ରୀତିରେ
ପ୍ରୀତି ଆଉ ପ୍ରତ୍ୟୟର ମୈତ୍ରୀରେ
ପ୍ରତ୍ୟୟକୁ ଛାଡିଦେଲେ ଜୀବନ ହିଁ ମରଣ
ଯାହା କିଛି ଅବଶେଷ ମିଛ ସ୍ମୃତି

ତା' ହୁଏତ ସାମୟିକ ସନ୍ତୋଷର ବାହାଦୂରୀ
କିନ୍ତୁ ସବୁ ଫାଙ୍କି, ସବୁ ମିଛ
ଆଉ ସବୁ ଅକାରଣ ।


♥ ମଙ୍ଗଳପୁର, ଯାଜପୁର-୭୫୫୦୧୧
(ମୋ) ୯୪୩୭୧୮୮୦୫୯


## କବିତା କ'ଣ କରିପାରେ

**ପବିତ୍ର ବ୍ରହ୍ମପୁତ୍ର ନାୟକ**



କବିତା କ'ଣ କରିପାରେ ?

ଭାଇ-ଭାଇ ଭିତରେ ଖଣ୍ଡଯୁଦ୍ଧ
କବିତା ସାମାଧାନ କରିପାରେନା
ଯଦି ବିରାଡି -ବିରାଡି ଭିତରେ
ପିଠାକଳିର ଆପୋଷ ବୁଝାମଣା
କବିତା କରି ପାରେନା,
ଯଦି ଫୁଲ ପାଇଁ ମାଳୀ-ପ୍ରଜାପତି
ଭିତରେ ଅନ୍ତର୍ଦ୍ୱନ୍ଦ୍ୱ କବିତା
ତୁଟେଇ ପାରେନା ।

ତା'ପରେ ବି କବି କାହିଁକି
ଶବ୍ଦର ମହୋଦଧି ଭିତରୁ
ଶବ୍ଦ ଖୋଜି କବିତା ଲେଖେ ?

ଯଦି ଚନ୍ଦନ ବନର ନିଆଁ
କବିତା ଲିଭେଇ ପାରେନା
ଯଦି ଅସହାୟ ନାରୀର ଲୁହ
କବିତା ପୋଛି ପାରେନା,
ଯଦି ଅରଣା ମଇଁଷି ଶିଙ୍ଗକୁ
କବିତା ଆୟତ୍ତ କରିପାରେନା...

ତା'ପରେ ବି କାହିଁକି
ଶବ୍ଦର ମହୋଦଧିରୁ ଶବ୍ଦ ଖୋଜି
କବିତା ଲେଖୁଥାଏ କବି ??


♥ କେନ୍ଦ୍ରାପଡା
(ମୋ) ୯୪୩୭୬୧୩୪୩୮


## ଅଳକା ସାନ୍ୟାଲ - ୪୫

**ପ୍ରଭାତୀ ମାଝୀ**



ପ୍ରିୟତମ ଏବେ ଏବେ ତମ ସହରରେ କର୍ଫ୍ୟୁ
ଛତିଶ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ
ଏତିକିରେ ତମେ ପୁରା ବେହାଲ ।

ମୁଁ କିନ୍ତୁ ଜାଣେ ତମ ଗହନ କଥା
ତମେ ମୋତେ ଚଢ଼େଇଟିଏ କରିପାରିବ
କିନ୍ତୁ ତା ଆଗରୁ ପଞ୍ଜୁରିଟିଏ ଗଢ଼ିଥିବ
ବାଡ଼ି ଗଡ଼ିଆର ତୁଠଟିଏ ବି କରିଦେବ
କିନ୍ତୁ ଝରଣାର ତୁଠ ହେବାକୁ ନା କହିବ ।

ଗୋଟେ ଅପରିଚିତ ଅନ୍ଧାରରେ
ମୁହୂର୍ତ୍ତକ ପାଇଁ ମୋତେ ଭୁଲି ପାରିବ
କିନ୍ତୁ ଇତି ତମର ସବୁ କିଛି ବୋଲି
ଚିଠିରେ ଲେଖିବ ।

ଭୋକ ଆଉ ପ୍ରେମ ଭିତରେ
ଫରକ କ'ଣ ଯଦି ପଚାରିବି
ତମେ ଭୋକର ଓଠରେ ହିଁ
ପ୍ରେମକୁ ହିଁ କହିବ ।

ମୋ ଫୋନ୍ ବିଜି ଥିଲେ
ମୋ ଚରିତ୍ର ପ୍ରତି ତୀରଟେ ମାରିପାରିବ
ତମେ ଫୋନ୍‌ରେ ବ୍ୟସ୍ତ ଥିଲେ
ଗୋଟେ ଜରୁରୀ କାମ ଥିଲା ବୋଲି କହିବ ।

ତମେ ମୋତେ ଆକାଶଟେ ଦେଇ ପାରିବନି
କିନ୍ତୁ ଆକାଶର ବର୍ଷା ଟୋପାକୁ ହାତ ପାତିବ
ତମେ ମୋତେ ବିଜୁଳିର
ଲାସ୍ୟ ହେବାକୁ ଛାଡ଼ି ଦେବନି
କିନ୍ତୁ ଲଣ୍ଠନ କାଚ ଭିତରେ
ଶିଖାଟିଏ କରି ଜାଳି ରଖିବ ।

ଏଥର ତ କୁହ
ଛତିଶ ଘଂଟାର କର୍ଫ୍ୟୁରେ
ତମେ ଏତେ ଅସ୍ତବ୍ୟସ୍ତ
କିନ୍ତୁ ମୋ କପାଳରେ ତମର
ଅଘୋଷିତ କର୍ଫ୍ୟୁ ମୋତେ ଗୋଡ଼େ ଗୋଡ଼େ
ଜଗିଥାଏ ସବୁକାଳେ ସବୁବେଳେ ।

ତଥାପି ବି ମୁଁ ତମକୁ
କାହିଁକି ଏତେ ଭଲପାଏ, ଜାଣିଛ ?

ମୁଁ ଜାଣେ ମୋ ସହ ଲଢୁଥିବା
ସବୁ ଯୁଦ୍ଧରେ ତମେ ଆପଣାଛାଏଁ ହାରିଯିବ
ସିଂହପରି ଡେଇଁ ପଡ଼ିବ
ମେଣ୍ଢା ଛୁଆ ପରି ଘାସ ଚରିବ
ପାହାଡ଼ ପରି ଧୈର୍ଯ୍ୟ ଧରିବ
ପୃଥିବୀ ପରି ଧାରଣ କରିବ
ଆଉ କୂଳ ଛୁଇଁବା ଆଗରୁ
ସବୁଥର ମଝିନଈରେ ବୁଡ଼ିଯିବ
ତମର ଏହି ଦିଗ୍‌ବିଜୟ ଓ ଆତୁର ଅସହାୟ
ମୋର ପ୍ରିୟ ହିଁ ସବୁଦିନ ।


♥ ସମ୍ପାଦିକା 'ମେଘ ମହ୍ଲାର'
ଭାବଭବନ, ଗୋପିଆକୁଦ
କୁଜଙ୍ଗ, ଜଗତ୍‌ସିଂହପୁର
(ମୋ) ୯୭୭୬୪୫୯୪୬୩


## ତମକୁ ଭଲପାଏ ବୋଲି

ମୂଳ ଅସମୀୟା : **ସମୀର ତାନ୍ତି**



ଅନୁବାଦ : **ଶୈଳବାଳା ମହାପାତ୍ର**



ତମକୁ ଭଲପାଏ ବୋଲି ତ
ଅପେକ୍ଷି ରହିଛି ତମ ପାଇଁ
ତମ ଦୁଃଖର ବହଳ ଅନ୍ଧାରରେ
ଜହ୍ନ ହୋଇ ବିଛୁରି ପଡୁଛି
ଶବ୍ଦଠାରୁ ସୁର
ସୁରଠାରୁ ପ୍ରତିବାଦୀ ସଂଗୀତର
ସୁଷମା ଯାଏଁ
ତମକୁ ଭଲପାଏ ବୋଲି
ସୁଖର ଚୁମାରେ ଉବୁଟୁବୁ
ତୁମର କମ୍ପିତ ଓଠ
ସୁଗନ୍ଧି ସ୍ତନ
ଗର୍ଭବତୀ ଶସ୍ୟ ଆଉ
ଖରାରେ ପୋଡ଼ିଥିବା
ଶ୍ରମିକର ଶିରାଳ ହାତ

ତମକୁ ଭଲପାଏ ବୋଲି ତ
ଅପେକ୍ଷି ରହିଛି ତମ ପାଇଁ
ତମ ବିଧ୍ୱସ୍ତ ସ୍ୱପ୍ନର ବିଶାଳ ଭୂଇଁରେ
ଗଜୁରୁଥିବା ଆଶା ହୋଇ ବିଛୁରି ପଡୁଛି
ଆଜିଠାରୁ କାଲି
କାଲିଠାରୁ ଅଗଣିତ ସମ୍ଭାବନାମୟ
ମୁହୂର୍ତ୍ତର ଘୋଷଣା ଯାଏଁ

ତମକୁ ଭଲପାଏ ବୋଲି
ଲେସି ଦେଇଛି ତମକୁ
ଆପଣା ଭିତରେ
ତମ ଆଲୋକ-ବିଚ୍ଛିନ୍ନ ମନ,
ଆତୁର ହୃଦୟ
ଲାଞ୍ଛିତ ମୁକ୍ତି ଆଉ ଭାରତୀୟ ଜନତାର
ଶୃଙ୍ଖଳିତ ଦିନ

ତମକୁ ଭଲପାଏ ବୋଲି ତ
ଅପେକ୍ଷି ରହିଛି ତମ ପାଇଁ
ପ୍ରତିଟି ଜଞ୍ଜାଳମୟ ଦିନର ଶେଷରେ
ତମକୁ ଭଲପାଏ ବୋଲି ତ
ଅପେକ୍ଷି ରହିଛି ତମପାଇଁ
ଅନନ୍ତ କାଳର ଏକ ଦାୟିତ୍ୱବୋଧରେ !!


♥ ପୁରୀ
ମୋ: ୭୦୦୮୫୮୬୫୦୧

# ସୃଜନରେ ଯଦି ସତ୍ୟ, ସୌନ୍ଦର୍ଯ୍ୟ ଓ ପ୍ରାଣ ଥାଏ, ସ୍ୱୀକୃତି ତାହାର ପଛେ ପଛେ ଆସିବ : ଦେବେନ୍ଦ୍ର କୁମାର ବାଉରୀ

ଦେବେନ୍ଦ୍ର କୁମାର ବାଉରୀ ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଅଧୁନା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚିଫ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ସାହିତ୍ୟ ପରି ଏକ ଭାବ ରାଜ୍ୟରେ ବିଚରଣ କରି ନିଜ ପାଇଁ ତିଆରି କରିପାରିଛନ୍ତି ସର୍ଜନାର ଗୋଟେ କମନୀୟ ପରିଧି । ଶବ୍ଦର ଆଡମ୍ବର ନୁହେଁ, ଭାବର ନିର୍ମାଲ୍ୟ କଣିକା ହିଁ ତାଙ୍କ ଲେଖାମାନଙ୍କୁ କରିପାରିଛି ସଶକ୍ତ । "ସାହିତ୍ୟ କେବଳ ବାର୍ତ୍ତାର ବାହକ ନୁହେଁ; ଏହା ସମୟର ଏକ ଜାଗ୍ରତ ପ୍ରହରୀ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଶବ୍ଦରେ ସ୍ପନ୍ଦନ ଥାଏ; ଦିକ୍‌ଦିକ୍ ଆତ୍ମାର ଦ୍ୟୁତି । ଏହି ଶବ୍ଦସମୂହ ଯେତେବେଳେ ସୁଅ ହୋଇ ବହେ, ତାହାର କୂଳକୁ କଳକଳ ନାଦରେ ନିନାଦିତ କରେ । କୂଳ କେବଳ ଏହି ଶବ୍ଦର ମୂର୍ଚ୍ଛନାରେ ବିମୋହିତ ହୁଏନାହିଁ, ବରଂ ଏକ ସୁକୁମାର ଶ୍ୟାମଳ ସ୍ୱପ୍ନରେ ରୂପାନ୍ତରିତ ହୁଏ । ସଭ୍ୟତା ପରି ଶବ୍ଦର ସୁଅ କୂଳେ କୂଳେ ଗଢ଼ିଉଠିଛି ସାହିତ୍ୟ । ଉତ୍ପତ୍ତିସ୍ଥଳରେ ଝରଣା ପରି କବିତାର ଉତ୍ସ ସଂକୀର୍ଣ୍ଣ, ଅଥଚ ପ୍ରାଣର ପ୍ରାଚୁର୍ଯ୍ୟରେ ଚଞ୍ଚଳ । ଅଳ୍ପରେ ଅଧିକ କହି ମୁଗ୍ଧ କରିବାର ଶକ୍ତି ଏବଂ ପ୍ରାଣକୁ ଛୁଇଁ ବହିଯିବାର ଝୁଙ୍କ ଏଠି ସର୍ବାଧିକ । ଯେଉଁଠି ଶବ୍ଦର ସୁଅ ଅଧିକ ଗଭୀର ଓ ଧୀର, ସେଠି ଏହି ଚଞ୍ଚଳତା ଦୁର୍ଲଭ । ସେଥିପାଇଁ ମୁଁ କବିତାକୁ ବାଛିଛି । ମୋ ଭିତରର ଅସଂଖ୍ୟ ସ୍ପନ୍ଦନ, ମୋ ଆତ୍ମାର କ୍ଷୁଦ୍ର କ୍ଷୁଦ୍ର ମୂର୍ଚ୍ଛନାରେ ମୁଁ ମୋ କୂଳକୁ ନିନାଦିତ କରିବାକୁ ଚାହେଁ । ମୋର ସୃଜନର ଆଦ୍ୟସ୍ଫୁରଣ ଖୁବ୍ ଆକସ୍ମିକ ଓ ଅପ୍ରତ୍ୟାଶିତ ଥିଲା । ଶବ୍ଦମାନେ ବସନ୍ତ ମଳୟର ଝୁଙ୍କ ପରି ଆସି ହୃଦୟକୁ ଛୁଇଁ ଦେଉଥିଲେ, କିନ୍ତୁ ଧରା ଦେଉନଥିଲେ । ମୋର କୌତୁହଳ ସେହି ଉଡ଼ାଣଖୋର ଶବ୍ଦ-ପ୍ରଜାପତିମାନଙ୍କ ପଛରେ ଧାଇଁଥିଲା । ସେହି ଅନୁସରଣ ମୋତେ ଅନେକଥର ନାକେଦମ୍ କରିଛି; ଅନେକ ରାତିର ନିଦ ଛଡ଼ାଇ ନେଇଛି । ଡାଏରୀର ପୃଷ୍ଠାରେ ଲେଖା ଅସଂଖ୍ୟ ଧାଡ଼ିକୁ କାଟି, ଚିରି ଲୋଚାକୋଚା କରି ଫିଙ୍ଗା ହୋଇଛି । କଲେଜ ଜୀବନରେ ଏହି ଅସ୍ଥିରତା ଆହୁରି ପ୍ରବଳ ଥିଲା । ହେଲେ ମୋର ପ୍ରଥମ କବିତା 'ଉତ୍କଳ ମେଲ'ର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇବା ପରେ ମନେ ହେଲା, ମୁଁ ମୋର ପଥ ଖୋଜି ପାଇଛି । ସେହି ଦିନଠାରୁ ଆଉ ପଛକୁ ଫେରି ଚାହିଁନି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ଗ୍ରହଣ କରିବେ ?

■■ ମୋର ପ୍ରଥମ ପ୍ରେରଣା ହେଉଛି ଜୀବନ ନିଜେ । ମୋ ମାମୁଁଙ୍କ ସଂଘର୍ଷ, ମା'-ବାପାଙ୍କ ସ୍ନେହ, ମାଟିର ଗନ୍ଧ, ସମୟର ନିଷ୍ଠୁରତା ଓ ଆଶାର ଅଦମ୍ୟ ଆଲୋକ—ଏହି ସବୁ ମୋତେ ନିରନ୍ତର ଶିଖାଇଛି । ମୁଁ ବିଶ୍ୱାସ କରେ, ଜୀବନଠାରୁ ବଡ଼ ବିଶ୍ୱବିଦ୍ୟାଳୟ ଆଉ କିଛି ନାହିଁ । ବିଶ୍ୱସାହିତ୍ୟ ମଧ୍ୟରୁ ଅର୍ନେଷ୍ଟ ହେମିଙ୍ଗୱେଙ୍କ **The Old Man and the Sea** ମୋତେ ଗଭୀର ଭାବେ ପ୍ରଭାବିତ କରିଛି । ଏହା କେବଳ ଗୋଟିଏ ଉପନ୍ୟାସ ନୁହେଁ, ବରଂ ସଂଘର୍ଷ, ଧୈର୍ଯ୍ୟ ଓ ନହାରିବାର ଏକ ମହାକାବ୍ୟ । ସେହି ଜିଦ୍ ଓ ଜୀବନ ପ୍ରତି ଅବିଚଳ ଆସ୍ଥା ମୋର ଦୃଷ୍ଟିକୋଣକୁ ବଦଳାଇ ଦେଇଛି ଏବଂ ବିପର୍ଯ୍ୟୟ ସାମ୍ନାରେ ଠିଆ ହେବାର ଶକ୍ତି ଦେଇଛି । ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ସଚ୍ଚି ରାଉତରାୟ, ରମାକାନ୍ତ ରଥ ଓ ମନୋଜ ଦାସଙ୍କ ସୃଜନ ମୋତେ ଗଭୀର ଭାବେ ଆଲୋଡ଼ିତ କରିଛି । ସେମାନଙ୍କ ରଚନା ମୋତେ ଶବ୍ଦର ଶକ୍ତି, ଚିନ୍ତାର ବିସ୍ତାର ଓ ସୃଜନର ଗଭୀରତା ବିଷୟରେ ସଚେତନ କରିଛି । କିନ୍ତୁ ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ସ୍ୱର୍ଗତ ଶିବରାମ ପାତ୍ର ସାର୍‌ଙ୍କୁ ସ୍ମରଣ କରିବି । ସେ ମୋତେ ଫକୀରମୋହନଙ୍କ ଜୀବନୀ ପଢ଼ିବାକୁ ଦେଇଥିଲେ, ପୁରୁଣା ଡାଏରୀ ଦେଇଥିଲେ ଲେଖିବା ପାଇଁ, ଆଉ ମୋର କଞ୍ଚା କବିତାଗୁଡ଼ିକୁ ଅପାର ଧୈର୍ଯ୍ୟର ସହିତ ଶୁଣି ଉତ୍ସାହିତ କରୁଥିଲେ । ଆଜି ମୁଁ ଯଦି ଶବ୍ଦର ଏହି ପଥରେ କିଛି ଦୂର ଚାଲିପାରିଛି, ତାହାର ମୂଳରେ ସାର୍‌ଙ୍କ ସେହି ନିଷ୍କାମ ପ୍ରେରଣା ଓ ସ୍ନେହ ରହିଛି । ମୋ କବିତାରେ ପ୍ରଥମ ବିହନ ଯଦି ବୁଣାଯାଇଥିଲା, ତେବେ ସେହି ମାଟି ଥିଲେ ଶିବରାମ ପାତ୍ର ସାର୍ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?

■■ ଛପା ଅକ୍ଷରରେ ନିଜର ପ୍ରଥମ କବିତାକୁ ଦେଖିବାର ଅନୁଭୂତି ଅନନ୍ୟ ଓ ଅବର୍ଣ୍ଣନୀୟ । ଆଜି ମଧ୍ୟ ସେହି ଦିନର ରୋମାଞ୍ଚ ମୋ ଭିତରେ ଅକ୍ଷୁଣ୍ଣ ଅଛି । କେତେଥର ସେହି କବିତାକୁ ପଢ଼ିଥିଲି, ତାର ହିସାବ ନାହିଁ । ଲାଗୁଥିଲା, ଯେମିତି ମୁଁ ଗୋଟିଏ ରାଜ୍ୟ ଜୟ କରି ଫେରିଛି, ଅଥଚ ସାମ୍ନାରେ ଆହୁରି ଅନେକ ରାଜ୍ୟକୁ ଜୟ କରିବାର ଆହ୍ୱାନ ମୋ ଆଗରେ ଅଛି । ସେହି ଦିନଟି ମୋ ଭିତରେ ଥିବା ଲେଖକକୁ ବିଶ୍ୱାସ କରିବାର ସାହସ ଦେଇଥିଲା । ମୋ କବି ଜୀବନର ପଛରେ ମୋ ପତ୍ନୀ ସଂଯୁକ୍ତା ବାଉରୀଙ୍କ ଅବଦାନ ଅମୂଲ୍ୟ । ମୋ ସ୍ୱପ୍ନଗୁଡ଼ିକୁ ନିଜର ସ୍ୱପ୍ନ ଭାବି ସେ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି । ତାଙ୍କର ନିଃସର୍ତ୍ତ ପ୍ରେମ, ଧୈର୍ଯ୍ୟ ଓ ସମର୍ଥନ ମୋତେ ସୃଜନଶୀଳତା ପ୍ରତି ଏକନିଷ୍ଠ ରହିବାର ଶକ୍ତି ଦେଇଛି । ବୃତ୍ତିଗତ ଜୀବନ ମଧ୍ୟ ମୋର ସାହିତ୍ୟ ସାଧନାରେ କେବେ ବାଧକ ସାଜିନାହିଁ । ବରଂ ମୋ ସହକର୍ମୀ ଓ ବରିଷ୍ଠମାନେ ମୋତେ ସମ୍ମାନ, ପ୍ରୋତ୍ସାହନ ଓ ସହଯୋଗ ଦେଇଛନ୍ତି । ସାହିତ୍ୟ ସଭା ଓ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମୟ ଓ ସୁଯୋଗ ମଧ୍ୟ ଦେଇଛନ୍ତି । ତେଣୁ ମୋର ଏହି ସାହିତ୍ୟିକ ଯାତ୍ରା କେବଳ ମୋର ନୁହେଁ; ଏହା ମୋ ପରିବାର, ସହକର୍ମୀ ଓ ଶୁଭେଚ୍ଛୁମାନଙ୍କ ଭଲପାଇବାର ଏକ ସମ୍ମିଳିତ ଫସଲ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■ ଅଳ୍ପରେ ଦେବେନ୍ଦ୍ର କୁମାର ବାଉରୀ



ପିତା - ସ୍ୱର୍ଗତ ପ୍ରହ୍ଲାଦ ବାଉରୀ
ମାତା - ସାବିତ୍ରୀ ବାଉରୀ
ଜନ୍ମ ତାରିଖ - ୩୦.୦୬.୧୯୬୯
ଜନ୍ମ ସ୍ଥାନ - ଗୁଣପୁର, ରାୟଗଡ ଜିଲ୍ଲା
ଠିକଣା : ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ
୧ମ ମହଲା,ଏସବିଆଇ ମୁଖ୍ୟ ଶାଖା
ଗ୍ରା/ପୋ/ଜି - ରାୟଗଡ଼- ୭୬୫୦୦୧
(ମୋ) ୯୬୬୮୯୯୮୩୨୧ , ଓଡ଼ିଶା

**ପ୍ରକାଶିତ ପୁସ୍ତକ**

୧- ବେଳାଭୂମି
୨- ଇନ୍ଦ୍ରଧନୁର ରଙ୍ଗ
୩- ପ୍ରିୟ ପତ୍ନୀ ଓ ଅନ୍ୟାନ୍ୟ କବିତା
୪- ସ୍ୱପ୍ନଦର୍ଶୀର ପୃଥିବୀ
୫- ଉପତ୍ୟକାର ଅପ୍ସରା
୬- ଶ୍ରେଷ୍ଠ କବିତା
୭- **Riot and Other Poems**
୮- ଅପରାଜିତ ନିଶ୍ୱାସ (ଯନ୍ତ୍ରସ୍ଥ, ପ୍ରକାଶ ପାଇବା ଅପେକ୍ଷାରେ)

■■ ମୁଁ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଖୁବ୍ ଆଶାବାଦୀ । ଓଡ଼ିଆ ସାହିତ୍ୟର ମୂଳ ଏହି ମାଟିର ଗଭୀରରେ ପ୍ରୋଥିତ; ତେଣୁ ଏହା ସହଜରେ ଶୁଖିଯିବ ନାହିଁ । ଭାଷା ଓ ସାହିତ୍ୟ କେବଳ ଶବ୍ଦର ସମାହାର ନୁହେଁ, ଏହା ଗୋଟିଏ ଜାତିର ସ୍ମୃତି, ସ୍ୱପ୍ନ ଓ ଆତ୍ମାର ବାସସ୍ଥାନ । ତେବେ ସାହିତ୍ୟକୁ କେବଳ ପୁସ୍ତକାଳୟ, ସଭାମଞ୍ଚ କିମ୍ବା କିଛି ନିର୍ଦ୍ଦିଷ୍ଟ ପାଠକଙ୍କ ମଧ୍ୟରେ ସୀମିତ ରଖିଲେ ହେବ ନାହିଁ । ସାଧାରଣ ମଣିଷର ଭାଷା, ଯନ୍ତ୍ରଣା, ସ୍ୱପ୍ନ, ସଂଘର୍ଷ ଓ ଦୈନନ୍ଦିନ ଜୀବନ ସହିତ ସାହିତ୍ୟର ନାଭିନାଳକୁ ଯୋଡ଼ିବାକୁ ପଡ଼ିବ । ବଦଳୁଥିବା ସମୟ ଓ ପାଠକଙ୍କ ରୁଚିକୁ ବୁଝି ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବାକୁ ହେବ । ହୃଦୟରୁ ହୃଦୟକୁ ପହଞ୍ଚିବାର ଏକ ନୂଆ ବାଟ ସାହିତ୍ୟରେ ଖୋଲିବାକୁ ହେବ । ପାଠଶାଳା, ଗାଁ, ପାଠାଗାର, ସାମାଜିକ ଗଣମାଧ୍ୟମ ଏବଂ ଯୁବପିଢ଼ି ମଧ୍ୟରେ ସାହିତ୍ୟକୁ ନେଇଯିବା ଆବଶ୍ୟକ । ତତ୍ ସହିତ ସହିତ ଗବେଷଣା, ଅନୁବାଦ ଓ ଡିଜିଟାଲ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପ୍ରସାର ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର । କାରଣ ସାହିତ୍ୟ ବଞ୍ଚି ରହେ ନାହିଁ କେବଳ ପୁସ୍ତକର ପୃଷ୍ଠାରେ; ସାହିତ୍ୟ ବଞ୍ଚି ରହେ ମଣିଷର ହୃଦୟରେ ।

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ହଁ, ମାତୃଭାଷା ସଙ୍କଟରେ ଅଛି—ଏହା ଏକ ସତର୍କ ସଙ୍କେତ । ଆଜି ଅନେକ ଉଚ୍ଚଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରରେ ମାତୃଭାଷାର ବ୍ୟବହାର କ୍ରମଶଃ କମୁଛି । କେତେକ ଶିକ୍ଷାନୁଷ୍ଠାନରେ ଓଡ଼ିଆରେ କଥା ହେବାକୁ ସଙ୍କୋଚ ପ୍ରକାଶ କରାଯାଉଛି, ଯେତେବେଳେ ଇଂରାଜୀ କିମ୍ବା ହିନ୍ଦୀରେ କଥା ହେବାକୁ ଆଧୁନିକତାର ପ୍ରତୀକ ବୋଲି ଧରାଯାଉଛି । ଏପରିକି ଯୁବପିଢ଼ିର ଏକ ବଡ଼ ଅଂଶ ଓଡ଼ିଆ ଚଳଚ୍ଚିତ୍ର, ପୁସ୍ତକ କିମ୍ବା ସାହିତ୍ୟ ପ୍ରତି ସେତେଟା ଆଗ୍ରହ ଦେଖାଉ ନାହାନ୍ତି । ଏସବୁ ସଙ୍କଟର ଲକ୍ଷଣ । ଭାଷା କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ; ଏହା ଆମ ଚିନ୍ତା, ସଂସ୍କୃତି, ଇତିହାସ ଓ ଅସ୍ତିତ୍ୱର ମୂଳ । ସାହିତ୍ୟ ଏହି ସଙ୍କଟରୁ ମୁକ୍ତିର ଏକ ଶକ୍ତିଶାଳୀ ମାର୍ଗ ହୋଇପାରେ । ଯେତେବେଳେ ଭଲ କାହାଣୀ, କବିତା, ଗୀତ, ନାଟକ ଓ ସିନେମା ମାଧ୍ୟମରେ ଭାଷାକୁ ଲୋକଙ୍କ ହୃଦୟ ସହିତ ଯୋଡ଼ାଯିବ, ସେତେବେଳେ ଭାଷା ପ୍ରତି ଆଦର ଓ ଆକର୍ଷଣ ସ୍ୱତଃସ୍ଫୂର୍ତ୍ତ ଭାବେ ବଢ଼ିବ । ମୋର ବିଶ୍ୱାସ, ଭାଷାକୁ ବଞ୍ଚାଇବାକୁ ହେଲେ ପ୍ରଥମେ ଘରେ, ପରେ ଶିକ୍ଷାରେ ଓ ଶେଷରେ ଜୀବନରେ ତାହାକୁ ସମ୍ମାନ ଦେବାକୁ ହେବ । ତା ସହିତ ଯୁଗ ସହ ତାଳ ଦେଇ ସାହିତ୍ୟକୁ ନୂତନ ମାଧ୍ୟମ ଓ ନୂତନ ପାଠକଙ୍କ ପାଖରେ ପହଞ୍ଚାଇବାକୁ ହେବ । ଆଉ ଏକ ବାସ୍ତବ କଥା ହେଉଛି—ସାହିତ୍ୟ ଓ ଭାଷା ସହିତ ଅର୍ଥନୈତିକ ସମ୍ମାନର ପ୍ରଶ୍ନ ମଧ୍ୟ ଜଡ଼ିତ । ଯେଉଁଠି ଲେଖକ, ଗୀତିକାର କିମ୍ବା ସୃଜନଶୀଳ ବ୍ୟକ୍ତି ତାଙ୍କ ସୃଷ୍ଟି ପାଇଁ ଯଥୋଚିତ ମୂଲ୍ୟ ଓ ମର୍ଯ୍ୟାଦା ପାଆନ୍ତି, ସେଠି ଭାଷା ଓ ସାହିତ୍ୟ ଅଧିକ ସଶକ୍ତ ହୋଇଉଠେ । ଆମ ପାଖରେ ଏହି କ୍ଷେତ୍ରରେ ଆହୁରି ଅନେକ କାମ ବାକି ଅଛି । କେବଳ ସରକାରକୁ ଦାୟୀ କରିଦେଲେ ହେବ ନାହିଁ; ପାଠକ, ଲେଖକ, ପ୍ରକାଶକ, ଗଣମାଧ୍ୟମ ଓ ସମାଜ—ସମସ୍ତଙ୍କୁ ମିଶି ଏହି ମାନସିକତା ବଦଳାଇବାକୁ ହେବ । କାରଣ ଭାଷାକୁ କୌଣସି ସରକାର ବଞ୍ଚାଏ ନାହିଁ; ଭାଷାକୁ ବଞ୍ଚାଇ ରଖନ୍ତି ତାହାର ଲୋକମାନେ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ମୋ ମତରେ, ଯେଉଁ କବିତା ମୁଗ୍ଧ ମଳୟ ପରି ଛୁଇଁ ଦେଇ ଚାଲିଗଲା ପରେ ମଧ୍ୟ ହୃଦୟରେ ତାହାର ବାସ୍ନା ଛାଡ଼ିଯାଏ, ତାହାହିଁ ଭଲ କବିତା । ଭଲ କବିତା କେବଳ ପଢ଼ାଯାଏ ନାହିଁ, ଅନୁଭବ କରାଯାଏ । ସେ ଶବ୍ଦର ଆଡ଼ମ୍ବର ନୁହେଁ, ଅନୁଭୂତିର ସତ୍ୟ । ସେ ଲୁହକୁ ଭାଷା ଦିଏ, ନିରବତାକୁ ସ୍ୱର ଦିଏ ଏବଂ ଅନ୍ଧାର ଭିତରେ ଆଲୋକର ଏକ ସୂକ୍ଷ୍ମରେଖା ଟାଣିଦିଏ । କବିତା ଓ ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ମଣିଷର ଚରିତ୍ର, ସମାଜର ଚେତନା ଓ ସଭ୍ୟତାର ଦର୍ପଣ । ତେଣୁ ସାହିତ୍ୟ ନିଶ୍ଚିତ ଭାବରେ ମାନସିକତାର ପରିବର୍ତ୍ତନ ଆଣିପାରେ । କାରଣ ସାହିତ୍ୟ ପ୍ରଥମେ ମଣିଷର ହୃଦୟକୁ ସ୍ପର୍ଶ କରେ, ଆଉ ଯେଉଁଠି ହୃଦୟ ବଦଳେ, ସେଠି ଚିନ୍ତାଧାରା ମଧ୍ୟ ବଦଳିବା ଆରମ୍ଭ ହୁଏ । ମୋର ବିଶ୍ୱାସ, ଯେଉଁ ସମାଜରେ ସାହିତ୍ୟ ଶୃଙ୍ଖଳିତ, ଶାଳୀନ ଓ ମାନବିକ ହୁଏ, ସେଠାରେ ସଂସ୍କାରର ବୀଜ ଅଙ୍କୁରିତ ହୁଏ ଏବଂ ମଣିଷ ନିଜର ଏକ ଉନ୍ନତତର ରୂପ ଆଡ଼କୁ ଅଗ୍ରସର ହୁଏ । ଅସ୍ତ୍ର ଭୟ ସୃଷ୍ଟି କରିପାରେ; କିନ୍ତୁ ସାହିତ୍ୟ ବିବେକକୁ ଜାଗ୍ରତ କରେ, ଆଉ ବିବେକ ଜାଗ୍ରତ ହେଲେ ମଣିଷ ଓ ସମାଜ ଉଭୟ ବଦଳିଯାଆନ୍ତି ।

■ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଏ ପ୍ରଶ୍ନ ର ଉତ୍ତର ଦେଇସାରିଛି । ତଥାପି କହିରଖେ ମୁଁ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ନେଇ ଆଶାବାଦୀ, କିନ୍ତୁ ଏହି ଆଶାକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ । ଯୁବପିଢ଼ି ଓଡ଼ିଆରେ ଲେଖୁଛନ୍ତି, ପଢୁଛନ୍ତି, ଡିଜିଟାଲ ମାଧ୍ୟମରେ ପ୍ରକାଶ କରୁଛନ୍ତି—ଏହା ଏକ ଭଲ ସଂକେତ । ଆମକୁ ଓଡ଼ିଆ ଭାଷାକୁ ଆଧୁନିକ ଜୀବନ, ବିଜ୍ଞାନ, ପ୍ରଯୁକ୍ତି ଓ ଗ୍ଲୋବାଲ ଚିନ୍ତାଧାରା ସହିତ ଯୋଡ଼ିବାକୁ ହେବ । ମାଟିର ଗନ୍ଧ ରହୁ, କିନ୍ତୁ ଦୃଷ୍ଟି ଆକାଶ ପର୍ଯ୍ୟନ୍ତ ହେଉ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଭାବିବେ ?

■■ ପୁରସ୍କାର ସୃଜନକୁ ସ୍ୱୀକୃତି ଦିଏ ଏବଂ ଲେଖକଙ୍କୁ ନୂଆ ଉତ୍ସାହ ପ୍ରଦାନ କରେ । କିନ୍ତୁ ଏହା ଲେଖକର ଶେଷ ଲକ୍ଷ୍ୟ ନୁହେଁ । ପାଠକର ହୃଦୟରେ ସ୍ଥାନ ଅକ୍ତିଆର କରିବା ହିଁ ଜଣେ ଲେଖକର ସବୁଠାରୁ ବଡ଼ ପୁରସ୍କାର । ଫୁଲରେ ଯଦି ସୁଗନ୍ଧ ଥାଏ, ପ୍ରଜାପତି ଆପେ ଆସି ତା' ଉପରେ ବସିବେ । ସେହିପରି ସୃଜନରେ ଯଦି ସତ୍ୟ, ସୌନ୍ଦର୍ଯ୍ୟ ଓ ପ୍ରାଣ ଥାଏ, ସ୍ୱୀକୃତି ତାହାର ପଛେ ପଛେ ଆସିବ । ସାହିତ୍ୟ ମାଧ୍ୟମରେ ମୋର ଏକମାତ୍ର ବାର୍ତ୍ତା ହେଉଛି—ମଣିଷ ତା'ର ମାନବିକତାକୁ ନଭୁଲୁ । ଦିଗହରା ଆତ୍ମାକୁ ସଠିକ୍ ପଥର ସନ୍ଧାନ ମିଳୁ, ଅନ୍ଧାର ଭିତରେ ଆଶାର ପ୍ରଦୀପ ଜଳୁ ଏବଂ ନକାରାତ୍ମକତାର ପରିବର୍ତ୍ତେ ସକାରାତ୍ମକ ଶକ୍ତିରେ ମଣିଷର ଚାରିପାଖ ଉଦ୍ଭାସିତ ହେଉ । ମୋ ମତରେ ସାହିତ୍ୟ କେବଳ ବାର୍ତ୍ତାର ବାହକ ନୁହେଁ; ଏହା ସମୟର ଏକ ଜାଗ୍ରତ ପ୍ରହରୀ । ସେ ସମାଜକୁ ସତର୍କ କରେ, ବିବେକକୁ ଜାଗ୍ରତ କରେ ଏବଂ ମଣିଷକୁ ତା'ର ଭିତରେ ଲୁଚିଥିବା ଆଲୋକ ସହିତ ପରିଚିତ କରାଏ । ❤❤





ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



ପୁସ୍ତକ ଉନ୍ମୋଚନ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ସହ ଦେବେନ୍ଦ୍ର କୁମାର...



ସୁଖୀ ପରିବାର : ନିଜ ପରିବାର ସଦସ୍ୟ ତଥା ପତ୍ନୀ ସଂଯୁକ୍ତା, ଦୁଇପୁତ୍ର ଓ ଏକମାତ୍ର କନ୍ୟାଙ୍କ ସହ ଲେଖକ ଦେବେନ୍ଦ୍ର କୁମାର ବାଉରୀ...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**

ଭାଗ-୨୮



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଅଳ୍ପକିଛି ବିଲ ଚାଷ କରୁଥିଲେ। ସେଥିରୁ ଧାନ, ମୁଗ,ବିରି - ଯାହାକିଛି ଉତ୍ପନ୍ନ ହେଉଥିଲା, ଚଳି ଯାଉଥିଲା ବର୍ଷସାରା ସେମାନଙ୍କର। ବଳକା ଖାଦ୍ୟଶସ୍ୟ ସବୁ ବିକ୍ରି ହୋଇଯାଉଥିଲା। ଦୁଧ ଦହି କିଣିବା ପାଇଁ ବେପାରୀମାନଙ୍କ ଗାଡ଼ି ଲାଗୁଥିଲା ପ୍ରତିଦିନ ସେ ଗାଁରେ, ଯେହେତୁ ସାରା ଗାଁଟିର ଜୀବନ ଜୀବିକା ଥିଲା ଏଇଆ।

ଏଥିରେ ଖୁବ୍ ଆଗ୍ରହ ରଖି ନିଜକୁ ମିଶେଇ ଦେଲା ଜେନି। 'ଗୋ ସେବା ମହତ ସେବା'- କହୁଥିଲେ ପ୍ରକୃତିଦେବୀ। ଏମାନଙ୍କ ସେବାକଲେ ଦେହମନ ପ୍ରଫୁଲ୍ଲ ଓ ନିରୋଗ ରହେ। ଦୁରାରୋଗ୍ୟ ପାଖ ମାଡ଼େନାହିଁ। ଗୋମାତା ମା' ସମାନ। ତା'ର ଦୁଗ୍ଧ ଦେହର ପୁଷ୍ଟିସାଧନ କରେ, ନିରାମୟ ରଖେ। ଗୋମାତାଠାରୁ ଅନେକ କିଛି କଥା ଶିକ୍ଷା କରିବାର ଅଛି। ସେମିତି ବି ଅନେକ କଥା ଶିଖିବାର ଅଛି ବୃକ୍ଷଠାରୁ, ନଦୀଠାରୁ ଓ ପଶୁପକ୍ଷୀଙ୍କ ଠାରୁ। ମାନବର କଲ୍ୟାଣ ପାଇଁ ଏମାନେ ନିଜକୁ ତ୍ୟାଗ କରିଥାନ୍ତି। ଏମାନେ ସବୁ ଦେବତୁଲ୍ୟ । ଅନେକ ପୁଣ୍ୟ ମିଳେ ଏମାନଙ୍କ ସେବା ଏବଂ ସୁରକ୍ଷାରୁ।"

ଜେନି ନିଜ ସଂପର୍କରେ, ନିଜର ରୋଗ ସଂପର୍କରେ କିଛି ବି କହିନଥିଲା କାହାକୁ। ପ୍ରକୃତି ଦେବୀଙ୍କର କଥାଗୁଡ଼ିକ ତା' ଭିତରେ ଗଭୀର ରେଖାପାତ କଲା।

ଜେନି ଲଣ୍ଡନ ଅଧିବାସୀ ଜଣେ ବିଦେଶିନୀ ଓ ପୁରୀ ଇସ୍କନ୍ ମଠର ଭକ୍ତ, ଅବସ୍ଥାଚକ୍ରରେ ସେ ଆସି ରହୁଛି ଭୂମିଜଙ୍କ ଗୃହରେ କନ୍ୟା ସଦୃଶ- ଏତକ ବ୍ୟତୀତ ଗୋପପୁରରେ ତା'ର ଅଧିକ କିଛି ଆଉ ପରିଚୟ ନଥିଲା। ପ୍ରତିକ୍ଷଣରେ ପ୍ରକୃତିଦେବୀଙ୍କର କଥାଗୁଡିକ ତା' ଭିତରେ ଗଭୀର ରେଖାପାତ କରୁଥିଲା । ଗୋ-ସେବା ମଣିଷକୁ ସୁସ୍ଥରଖେ - ଏମିତି ଏକ ଆପତଃ ସିଦ୍ଧାନ୍ତ ଓ ନିରୋଗ ରହିବାର ନିଦାନ ତା' ଭିତରେ ଏକ ନୂତନ ବିଶ୍ୱାସକୁ ଜନ୍ମଦେଲା। ଜେନି ଏକଥାକୁ ବିଶ୍ୱାସ କଲା ଏବଂ ଅଧିକରୁ ଅଧିକ ଗୋ ସେବାରେ ନିଜକୁ ନିୟୋଜିତ କଲା। ଅନେକ ସମୟରେ ଗାଇ ସଂଗେ ସେ ଚାଲିଗଲା ନଈକୂଳକୁ। ଖୁବ୍ ସାନ୍ ପିଲାଟିଏ ପରି ହୋଇଗଲା ତା' ମନ, ଯେମିତି ନ ଦଶବର୍ଷର ବାଳିକାଟିଏ । ଗାଈ ଜଗୁଆଳି ପିଲାମାନଙ୍କ ସହିତ ଖେଳିଲା । ଗଛମୂଳେ ଶୋଇ ଶୋଇ ଆକାଶ ଦେଖିଲା। ନଈପାଣିରେ ଆଣ୍ଠୁ ବୁଡ଼େଇ ଛିଡ଼ା ହୋଇ ପାଣି ଚବଚବ କଲା। ଏ ସବୁ ଚପଳମତି ଖେଳ ତା' ଦ୍ୱାରା ମନକୁ ମନ ହୋଇ ଯାଉଥିଲା। ସତେଯେମିତି ଗୋଟେ ପୁନର୍ଜନ୍ମ ପାଇଥିଲା ଏଇ ଜେନି ଗୋପପୁର ଗାଁରେ। ସଂପୂର୍ଣ୍ଣ ଏକ ନୂତନ ଜୀବନ।

ଦିନ କେଇଟା ଭିତରେ ସାରା ଜନପଦର ଲୋକମାନଙ୍କ ସହ ମନଖୋଲି ମିଶିଲା ଓ ଆପଣାର ହୋଇଗଲା ଜେନି। ସଭିଙ୍କ ଘରକୁ ତା'ର ଅବାଧ ପ୍ରବେଶ ରହିଲା। ଦାଦା ଖୁଡ଼ୀ, ମଉସା ମାଉସୀ ଓ ଭାଇ ଭାଉଜ ସମ୍ବୋଧନ କରିବା ଶିଖିଲା। ଶିଖିଲା ବି କାଠ, ପତର ଓ ଘଷିରେ କିପରି ରୋଷେଇ କରାଯାଏ। ଶାଗ ମନ୍ଦାରେ, ବାଇଗଣ ଗଛରେ କିପରି ପାଣି ଦିଆଯାଏ।

ଶିଖିବାକୁ,ଜାଣିବାକୁ ଯେମିତି ଗୋପପୁରରେ ରହିଛି ଅନେକ କିଛି। ସମଗ୍ର ଦୁନିଆରେ ତା' ପାଇଁ ଏ ଗୋପପୁର ଯେମିତି ଗୋଟେ ସର୍ବଶ୍ରେଷ୍ଠ ବିଦ୍ୟାଳୟ। ଏଠି ସମସ୍ତେ ଜଣେ ଜଣେ ଶିକ୍ଷକ। ସମସ୍ତେ ସବୁ କଥା ଜାଣନ୍ତି, ସମସ୍ତେ ବି ସବୁ ପ୍ରକାର କାର୍ଯ୍ୟ କରିପାରନ୍ତି। ସ୍ୱାଭାବିକ ଓ ପ୍ରାକୃତିକ ନିୟମରେ ଗଢ଼ା ହୋଇଛି ଏ ବିଦ୍ୟାଳୟ। କେହି କେବେ ଟଙ୍କାଟିଏ ଖର୍ଚ୍ଚ କରିନାହିଁ ଏଥିପାଇଁ। ଗଛପତ୍ର, ଫୁଲ, ଫଳ, ନଈ ପୋଖରୀ ଜଣେ ଜଣେ ଗୁରୁ ଓ ଏ ଲୋକମାନଙ୍କର ମାର୍ଗଦର୍ଶକ।

ବୁଲି ବୁଲି ଥକ୍‌କା ଲାଗିଲେ ନଦୀଧାରରେ ବସି ଜେନି ଦେଖେ ପ୍ରବାହିତ ଜଳଧାରକୁ। ମନ୍ଥର ଗତିରେ ପ୍ରବାହିତ ହେଉଥାଏ ନଈ। ସମାନୁପାତିକ ବେଗରେ ଅବ୍ୟାହତ ଥାଏ ନଦୀର ନିର୍ମଳ ଜଳଧାର। ଟିକେ ଗଭୀର ଜଳରେ ଭଉଁରୀ ଖେଳୁଥାଏ। ଚକ୍‌ଚକ୍ ଦିଶେ ଛୋଟଛୋଟ ମାଛର ପେଟ ରୂପା ପରି। ଆପଣା ଇଚ୍ଛାରେ କେଉଁ ଅନନ୍ତକାଳରୁ ପ୍ରବାହିତ ହୋଇ ଆସୁଛି ଏ ନଈ। କାହାରିକୁ ଭୟ କରେନାହିଁ। ନିର୍ଭୟତାର ବାଣୀ ଶୁଣଉଛି ସେ।

ଅଥଚ ଭୟଟେ ଆବୋରି ବସିଚି ତା' ସମଗ୍ର ସତ୍ତାକୁ। ସ୍ୱାଭାବିକ ଜୀବନଟିଏ ବଞ୍ଚିପାରୁନି ସେ। ଜଡ଼ସଡ଼ ଅବସ୍ଥାରେ ଜୀବନ ଜୀଇଁଛି। ଆତ୍ମରକ୍ଷା ସକାଶେ ବାଟ ଖୋଜୁଛି । ଅନବରତ ଗୋଟେ ସଂଗ୍ରାମ ଓ ଯୁଦ୍ଧ ଲାଗି ରହିଛି ତା' ଭିତରେ। ଗୋଟିଏ ପରେ ଗୋଟାଏ ଅସ୍ତ୍ର ସେ ପ୍ରୟୋଗ କରିଚାଲିଛି ତାକୁ ହଟେଇ ଦେବାକୁ। ଏବେ ବିଶ୍ୱାସ ଧୀରେଧୀରେ ଦୃଢ଼ ହେଉଛି ତା' ଭିତରେ। ଏଥିପାଇଁ କୁଶଭଦ୍ରା ନଦୀ ବଳ ଦେଇଛି। ସାହସ ଭରି ଦେଇଛି ତା ସମଗ୍ର ସତ୍ତାରେ। ନଦୀର ନିର୍ଭୀକତା କ୍ରମେ ସଂଚରି ଆସୁଚି ତା' ଭିତରକୁ।

ମାସ ପରେ ମାସ ଅତିକ୍ରମ କରି, ଏଥି ଭିତରେ ଦେଢ଼ବର୍ଷ ବିତିଯାଇଥିଲା ଜେନିର ଗୋପପୁରରେ। ପ୍ରତିଦିନ ନୂଆ ଅନୁଭୂତି, ନୂତନ ଜିଜ୍ଞାସା ଓ ନୂଆ ନୂଆ ବିଦ୍ୟା ହାସଲ ଭିତରେ ତା'ର ସମୟଗୁଡ଼ିକ କିପରି ଅତିବାହିତ ହୋଇଯାଉଥିଲା, ସେ ନିଜେ ବି ଜାଣି ପାରୁନଥିଲା । ଗାଁ ଜୀବନ ଆଣି ଦେଇଥିଲା ଗୋଟେ ଅବିଚଳ ନିଷ୍ଠୟତା, ଚିନ୍ତାଶୂନ୍ୟ ଓ ଭୟମୁକ୍ତ ଜୀବନ। ଗୋପପୁର ତା' ନିଜ ଗର୍ଭରେ ପୂରେଇ ପୁଣି ଥରେ ଯେମିତି ନୂଆ କରି ଜନ୍ମ ଦେଇଥିଲା ଜେନିକୁ। ବାଲ୍ୟ, କୈଶୋର ଅତିକ୍ରମ କରି ଏବେ ଏବେ ଯୌବନରେ ପଦାର୍ପଣ କରିଛି ସେ। ପ୍ରାୟ ରୋଗମୁକ୍ତ ହୋଇ ଉଠିଛି ତା' ଶରୀର। ସନ୍ଦିଗ୍ଧ ଓ ଯନ୍ତ୍ରଣାସିକ୍ତ ଜୀବନର ଅବସାନ ଘଟିଛି। ଶୀର୍ଣ୍ଣତା ଓ ଦୁର୍ବଳତା ବଦଳରେ ଏବେ ପୁଷ୍ଟ ହୋଇ ଆସୁଛି ଦେହ। ଜୀବନରେ ମାତ୍ର ପଇଁତିରିଶିଟି ଋତୁଚକ୍ର ଅତିକ୍ରମ କରି ଆସିଚି ସେ। ମରିଯାଇଥିଲେ ଦୁଇ ବର୍ଷ ଗତ ହୋଇ ସାରନ୍ତାଣି। ପ୍ରଭୁଙ୍କର ଅପାର କୃପା ଏବଂ କରୁଣା ଯେମିତି ବର୍ଷି ଯାଇଛି ତା ଉପରେ। ଏଣୁ ସେ ବଞ୍ଚିଛି।

ଜେନି ଭାବେ ପ୍ରତିଟି ମୁହୂର୍ତ୍ତରେ ଯାହାକିଛି ଅଦଳ ବଦଳ ହୋଇଛି, ଯେଉଁ ଯେଉଁ ମାର୍ଗରେ ସେ ଆସିଚି ଏବଂ ଯେଉଁମାନଙ୍କ ସହିତ ତା'ର ସାକ୍ଷାତ ହୋଇଛି, ସେସବୁ ଗୋଟେ ପରେ ଗୋଟେ ସଂଗତିପୂର୍ଣ୍ଣ ଭାବେ ଘଟିଛି, ଯଦିଓ କାହାରି କାହା ସହିତ ମେଳ ନାହିଁ। ଗୋଟିଏ ଘଟଣା ପ୍ରବାହ ଆଉ ଏକ ଘଟଣା ଆଡ଼କୁ ବାଟ କଢ଼େଇ ନେଇଛି। ଗୋଟାକ ଯାକ ସଂସାର ଯେମିତି କାର୍ଯ୍ୟ କାରଣ ନିୟମରେ ବନ୍ଧା। ପୁଣି ସ୍ୱାଭାବିକ ଢଙ୍ଗରେ ଯାହା ଘଟେ ଏବଂ ଯେଉଁ ବ୍ୟକ୍ତି ବିଶେଷଙ୍କ ସହିତ ନିବିଡ଼ତା ଆସେ, ସେଥିରେ ପ୍ରଚେଷ୍ଟା ନଥିଲେ ତାହା ମଙ୍ଗଳପ୍ରଦ ହୁଏ।

ଗତବର୍ଷ ରଥଯାତ୍ରାରେ ସେ ସେଇକଥା ଅନୁଭବ କରିଥିଲା। ଯାଇଥିଲା ପ୍ରକୃତିଦେବୀଙ୍କ ସହିତ ପୁରୀ। ଇଚ୍ଛା କରିଥିଲା ମଠକୁ ଥରେ ଯାଇ ବୁଲି ଆସିବାକୁ। କାମନା ରଖିଥିଲା ଅଚାନକ ବଡ଼ଦାଣ୍ଡରେ ଆନନ୍ଦଙ୍କ ସହିତ ସାକ୍ଷାତ ହୋଇଯାଇପାରେ ! ଅଥଚ ସେସବୁ କିଛି ହେଲାନାହିଁ। ବିରାଟ ଜନସମୁଦ୍ର ଭେଦକରି ପୂର୍ବବର୍ଷ ଭଳି ରଥ ସାମ୍ନା ପର୍ଯ୍ୟନ୍ତ ଯାଇପାରି ନଥିଲା ସେ। ନାଚିବାରେ ସେମିତି କିଛି ସ୍ପୃହା ନଥିଲା ମନରେ। ରଥଠୁଁ ଯଥେଷ୍ଟ ଦୂର ବ୍ୟବଧାନରେ ଛିଡ଼ା ହୋଇ ଜଗନ୍ନାଥଙ୍କୁ ଦର୍ଶନ କରିଥିଲା। ଏଇମିତି ପ୍ରତିବର୍ଷ ରଥଉପରେ ଦର୍ଶନ କରିବାର କାମନା କରିଥିଲା। କୃପା ଏବଂ କରୁଣା ଭିକ୍ଷା କରିଥିଲା କାଳିଆ ସାଆନ୍ତଙ୍କୁ।

ଗୋପପୁରରେ ଦେଢ଼ବର୍ଷ ଅତିବାହିତ ହେବାପରେ ସଦ୍ୟ ସେ ନୂଆ କଥାଟିଏ ଅନୁଭବ କରିଥିଲା। ଯାହାର ରହସ୍ୟଟିକୁ ଚେଷ୍ଟା କରି ବି ଭେଦ କରିପାରୁ ନଥିଲା। ଏବେ ଗୋଟେ ଉଦ୍‌ବିଗ୍ନ ଓ ଉଚ୍ଚାଟ ଭାବ ସର୍ବଦା ଲାଗି ରହୁଥିଲା ତା' ମନରେ। ପୂର୍ବର ଭୟ ଓ ଉଦ୍‌ବିଗ୍ନର ଏହା ଥିଲା ସଂପୂର୍ଣ୍ଣ ବିପରୀତ। ଗୋଟେ ଥିଲା ଧ୍ୱଂସ ଓ ବିଲୟର, ଅନ୍ୟଟି ଥିଲା ସ୍ୱପ୍ନ ଆଉ ବାସନାର।

ହଠାତ୍ ଦିନେ ଜେନି ଅନୁଭବ କଲା, ତା' ନିଷ୍ପ୍ରଭ ଯୌବନ ପୁଣି ଥରେ ମୁହଁ ଉଠେଇ ଚାହିଁଲାଣି ଦେହର ସୌନ୍ଦର୍ଯ୍ୟକୁ। ଆଗ ଅପେକ୍ଷା ସେ ଆହୁରି ସୁନ୍ଦରୀ ଦିଶୁଛି। ପ୍ରତିଟି ରକ୍ତକଣିକାରେ ଉଷ୍ଣତା ଭରିଗଲାଣି। ବୋଧହୁଏ ବାଟହୁଡ଼ି ଫେରିଗଲାଣି ତା' ଭିତରେ ବସା ବାନ୍ଧିଥିବା ସଇତାନଟି। ତଥାପି ମୃଦୁ କଂପନଟେ ରହିଛି ଅନ୍ତର ଭିତରେ, ଅଗଭୀର ଜଳରାଶିର ସ୍ଥିର ତରଙ୍ଗ ଭଳି। ଆଦୌ ଅସ୍ଥିରତା ସେଠି ନାହିଁ। ସେହି ସ୍ଥିର ତରଙ୍ଗାୟିତ ଜଳରାଶି ଉପରେ ଝଲସି ଉଠୁଛି ଗୋଟେ ନୂତନ ଜୀବନର ପ୍ରତିଚ୍ଛବି।

ପୁଣି ଆସିଲା ରଥଯାତ୍ରା। ଏବର୍ଷ ଯଥେଷ୍ଟ ଆଗରୁ ଅର୍ଥାତ୍ ସ୍ନାନପୂର୍ଣ୍ଣିମାର ପୂର୍ବଦିନ ସେ ଚାଲି ଆସିଲା ପୁରୀ ଇସ୍କନ୍ ମଠକୁ। ମଠରେ ଯେଉଁ ଅନ୍ତେବାସୀଗଣ ତାଙ୍କୁ ମନେ ରଖିଥିଲେ, ହଠାତ୍ ଜେନିକୁ ଦେଖି ଭୂତ ଦେଖିଲା ପରି ଚମକି ପଡ଼ିଲେ। ଲୁହ ଛଳଛଳ ଆଖିରେ ଅବାକ୍ ହୋଇ ଦଣ୍ଡେ ଛିଡ଼ା ହୋଇଗଲେ ରାଧିକାମାତା। ପରେ ଆଲିଙ୍ଗନ କରି ନେଇଗଲେ ନିଜ କକ୍ଷକୁ। ଆନନ୍ଦାତିଶଯ୍ୟରେ ଫାଟି ପଡ଼ୁଥିଲେ ସେ। ଓଷ୍ଠାଧାର କଂପିତ ହେଉଥିଲା କିଛି କହିବାକୁ। ଅଥଚ କହିପାରୁ ନଥିଲେ। ଭିତରର ଆବେଗ ପ୍ରତିଫଳିତ ହେଲା ଚୁମାରେ। ଜେନିର ଓଷ୍ଠ ଓ ଚିବୁକରେ ଆଙ୍କିଦେଲେ କେତୋଟି ଚୁମ୍ବନ। ଥମିଗଲା ଆବେଗର ଉଦ୍‌ବେଳନ।

ତୁମେ ରହୁଥିବା କକ୍ଷରୁ ତୁମର ସବୁଜିନିଷ ମୁଁ ଆଣି ପାଖରେ ରଖିଛି। ଅନେକ ଦିନ ପର୍ଯ୍ୟନ୍ତ ତୁମ ପ୍ରତୀକ୍ଷାରେ ଥିଲୁ। ନ ଫେରିବାରୁ ଭିନ୍ନ କିଛି ଆଶଂକାରେ ତୁମ ବ୍ୟବହୃତ ଜିନିଷଗୁଡ଼ିକ, ମହୋଦଧିରେ ବିସର୍ଜନ କରି ଦେବାକୁ ସ୍ୱାମୀଜୀଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ, ମୁଁ ସେ ସବୁ ଆଣି ନିଜ ପାଖରେ ରଖିଛି। ମୋର କିନ୍ତୁ ବିଶ୍ୱାସ ଥିଲା, ତୁମେ ନିଶ୍ଚୟ ଦିନେ ଫେରିବ ମଠକୁ।" ବିନା କୌଣସି ବିରାମରେ ଏକା ନିଶ୍ୱାସରେ କହିଗଲେ ରାଧିକାମାତା।

"ମୁଁ ଏମିତିରେ ନିରୁଦ୍ଦିଷ୍ଟ ହୋଇଯାଇଥିଲି ମାତା। ତାହାହିଁ ବୋଧେ ମୋ ପାଇଁ ଆଶୀର୍ବାଦ ପାଲଟିଗଲା। ରହିଗଲି ଗୋଟେ ଗାଁରେ, ଗୋପପୁର। ତୁମ ହଟିଆ ନାଗର କୃଷ୍ଣଙ୍କ ଗୋପପୁର ସେ ନୁହେଁ, କିନ୍ତୁ ଗୋପପୁର ଭଳି। ସେହି ଗୋପପୁର ତା'ରି ଗର୍ଭରେ ପୂରେଇ ନୂଆ କରି ଜନ୍ମ ଦେଇଛି ସେ ମୋତେ। ମୁଁ ପୂର୍ବର ସେ ଜେନି ନୁହେଁ। ଏବେ ମୁଁ ସଂପୂର୍ଣ୍ଣ ନିରାମୟ ଓ ମୁକ୍ତା।" ଦୁଇଗୁଣ ଆଗ୍ରହରେ କହିଲା ଜେନି।

କେବଳ ଏତିକି ନୁହେଁ, ଘଟଣାକ୍ରମର ସମସ୍ତ ବିବରଣୀ ଜେନି କହିଥିଲା ରାଧିକା ମାତାଙ୍କୁ। ସେଦିନ ସନ୍ଧ୍ୟାଆଳତି ପରେ କହିଥିଲା ବି ସ୍ୱାମୀଜୀଙ୍କୁ। ଜେନିପ୍ରତି ରାଧିକା ମାତାଙ୍କର ମନ୍ତବ୍ୟ ଥିଲା, "ତୁମକୁ ଯଦି ମଠଠୁଁ ଅଧିକ ଆକର୍ଷଣ ମନେ ହେଉଛି ସେ ଗୋପପୁର, ତାହାଲେ ରଥଯାତ୍ରା ପରେ ତୁମେ ସେଠାକୁ ବାହୁଡ଼ିଯିବା ସଂଗତ ହେବ।"

ଭିନ୍ନ କିଛି ମନ୍ତବ୍ୟ ଥିଲା ସ୍ୱାମୀଜୀଙ୍କର। "ତୁମଠାରୁ ଅନେକ କିଛି ଆଶା କରୁଛି ଏ ସଂସ୍ଥା, ଇସ୍କନ୍ ମଠ। କୃଷ୍ଣ ଚେତନାକୁ ସମଗ୍ର ବିଶ୍ୱରେ ବ୍ୟାପକ କରିବାକୁ ତୁମପରି କିଛି ବିଦେଶୀମାନଙ୍କର ଆବଶ୍ୟକତା ରହିଛି। ଏଥିପାଇଁ ତୁମର ନିରାମୟତ୍ୱ ଏକ ସଂଯୋଗ। ଏଣୁ ତୁମେ ନିଜକୁ ଦୀକ୍ଷିତ କରାଅ ଏଇ ଚେତନାରେ। ଏହା ପ୍ରଭୁପାଦଙ୍କ ପ୍ରତି ଯଥେଷ୍ଟ କୃତଜ୍ଞତା ହେବ। ତୁମକୁ ଏ ମଠ ମାର୍ଗ ଦେଖେଇଛି। ନୂଆକରି ବଞ୍ଚିବାର ପ୍ରେରଣା ଦେଇଛି। ତୁମକୁ ପୂର୍ବ ଅବସ୍ଥା ଫେରେଇ ଦେଇଛି।"

ସବୁ ଶୁଣିସାରି ଜେନି ଚୁପ୍ ରହିଲା। ନୀରବତା ସମ୍ମତିର ସଂକେତ, ଏଇଆ ବୁଝି ସ୍ୱାମୀଜୀ ଖୁସି ହେଲେ। କିନ୍ତୁ ଜେନି ଭିତରେ ଭିନ୍ନକିଛି ଚେତନା ଖେଳୁଥିଲା। ଯାହାର ସ୍ୱରୂପ ଅସ୍ପଷ୍ଟ ଓ ଧୂଆଁଳିଆ ଥିଲା ଠିକ୍ ଗୋଟେ କୁହୁଡ଼ି ଘେରା ସକାଳର ଦୂର ବସ୍ତୁଭଳି।

(କ୍ରମଶଃ)

❤ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

---

**ପଢ଼ିବା ପରେ**

## 'ଆହୁତି'- ଆହତ ହୃଦୟ ବି ସାଇତିପାରେ ବହଳ ପ୍ରେମର ଅନୁରକ୍ତିକୁ






'ଆହୁତି' ଜଣେ ଯନ୍ତ୍ରୀଙ୍କ ହୃଦୟର ଲ୍ୟାବ୍ ରିପୋର୍ଟ। ଏଠି ଜୀବନର ସୂତ୍ର, ପ୍ରେମର ରସାୟନ ଓ ସମାଜର ଜ୍ୟାମିତି ଅଛି। ପ୍ରତିଟି ଏକପଦୀ ମାତ୍ର ଚାରି ଧାଡିରେ ଗୋଟେ ସମ୍ପୂର୍ଣ୍ଣ ଦୁନିଆ ଗଢେ।

ତ୍ରିକୋଣମିତି, ଜ୍ୟାମିତି, ବିଜ୍ଞାନ ଭଳି ଶବ୍ଦକୁ ବ୍ୟବହାର କରି କବି ଜୀବନର ଅନିଶ୍ଚିତତା ଓ ବ୍ୟର୍ଥତାକୁ ମାପିଛନ୍ତି। 'ଭୁଲାଣିଆ ଭବସାଗର ଅଙ୍କାବଙ୍କା ମୋ ଜ୍ୟାମିତି' - ଏ ଧାଡିଟି ପୁରା ସଂକଳନର ଆତ୍ମା। ଏତେ ମୌଳିକ ପ୍ରତୀକ ଓଡ଼ିଆ କବିତାରେ ବିରଳ।

କବିଙ୍କ ପାଇଁ ପ୍ରେମ କେବଳ 'ସତ୍ୟ ସୁନ୍ଦର' ନୁହେଁ, ତାହା 'ପ୍ରତାରଣା', 'ନିରାଶାର ମରୀଚିକା' ମଧ୍ୟ। 'ପ୍ରେମ ମାନେ ପ୍ରତାରଣା ପ୍ରତାରିତ ସୁନ୍ଦରତା' ଓ 'ମୋ ପାଇଁ ତା' ନିରାଶାର ମରୀଚିକା ତଟେ ଝୁରି' - ଏହି ଧାଡିଗୁଡିକରେ ତିକ୍ତ ବାସ୍ତବତା ଅଛି। 'କପଟ'କୁ ସୁନ୍ଦର ଓ ନିଜକୁ 'ଶାଶ୍ୱତ' କହିବାରେ ଯେଉଁ ଆତ୍ମବିଶ୍ୱାସ ଅଛି, ତାହା ଚମତ୍କାର।

'ଆବର୍ଜନାରେ ଉପବାସ' ଓ 'କଳାମେଘ ଲୋଡିବାର ପିପାସ' - ଏହି ଦୁଇଟି ପ୍ରତୀକରେ କବି ସମ୍ପୂର୍ଣ୍ଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଠି ଶବ୍ଦର ଧାର ସବୁଠୁ ତୀକ୍ଷ୍ଣ।

ବାପ-ଝିଅର ନୀରବ ସମ୍ପର୍କ, ଜୀବନକୁ 'ପଥିକ' ଭାବେ ଦେଖିବା, ସମୟ ପ୍ରତି ଜବାବଦେହିତା - ଏସବୁ ପଦରେ କବିଙ୍କ ଦାର୍ଶନିକ ଦୃଷ୍ଟି ସ୍ପଷ୍ଟ।

ସରଳ ଓଡ଼ିଆ, କିନ୍ତୁ ଅର୍ଥ ଗଭୀର। ଅଯଥା କଠିନ ଶବ୍ଦ ନାହିଁ। ଯନ୍ତ୍ରୀ ହେବାର ପ୍ରଭାବ ଭାଷାରେ ଦିଶୁଛି, ଯାହା ତାଙ୍କୁ ନିଆରା କରିଛି।

ପ୍ରତି ଏକପଦୀ ସହ ଥିବା **Abstract Line Art** (ଅମୂର୍ତ୍ତ କଳା) କବିତାର ଅନୁଭବକୁ ଦୁଇଗୁଣ କରୁଛି। ଏହା କେବଳ ବହି ନୁହେଁ, ଏକ ସମ୍ପୂର୍ଣ୍ଣ କଳାକୃତି।

'ଆହୁତି' ନାମଟି ସାର୍ଥକ। ପ୍ରତିଟି ଏକପଦୀ ଯେମିତି କବିଙ୍କ ହୃଦୟର ଆହୁତି। ଶହେ କୋଡିଏ ଟଙ୍କାରେ ଅଣା ଅଶୀ ପୃଷ୍ଠାର ଏହି ସଂକଳନ ପାଠକଙ୍କ ପାଇଁ ମୂଲ୍ୟବାନ। ଯେଉଁମାନେ କମ୍ ଶବ୍ଦରେ ଅଧିକ କଥା ପଢିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଏହା ନିଶ୍ଚୟ ସଂଗ୍ରହଯୋଗ୍ୟ।

ସତମିଛର ଛକାପଞ୍ଝାରେ ଅହରହ ଆକ୍ରାମାନ୍ତା ଏ ଜୀବନ। ସତଟାକୁ ସାଉଁଟିଲେ ଯେ ମିଛ ଆଡ ହେଇଯିବ ତାହା ନୁହେଁ, ବରଂ ସତର ସାର୍ଥକତା ପୋଛିଦେବ ମନରୁ ମିଛର ବହଳ ଛାପକୁ। ଜୀବନରେ ବେଳ ହେଉ ଅବା ଅବେଳରେ ଏ ମନ ତଳେ ଅଂକୁରେ ପ୍ରେମ । ସେ ଅଦୃଶ୍ୟ ରୋମାଞ୍ଚର ଅନୁଭବସବୁ ଡେଉ ଭାଙ୍ଗନ୍ତି ଦେହ ଆଉ ମନର ପ୍ରତିଟି ସତ୍ତାରେ। ଅନ୍ଧପରି ଅକାମୀ ହୋଇଯାଏ ବିବେକର ସୂକ୍ଷ୍ମତନ୍ତ୍ରୀ ସବୁ। ବୋଲକରା ସାଜିବାକୁ ହୁଏ ମନର, ଆତ୍ମବିଶ୍ୱାସର। ଟାଙ୍ଗରଭୂମି ସବୁ ଦିଶିଯାଆନ୍ତି ହରାଭରା ସବୁଜ ବନାନୀସିକ୍ତ । ଦନ୍ତୁରିତ ପଥଗୁଡା ଅନାୟାସରେ ଅତିକ୍ରମ କରିହୁଏ ସେଇ ମୁହୂର୍ତ୍ତଗୁଡାକରେ । କିନ୍ତୁ ହଠାତ ଏକ ଅମାନିଆ ଝଡ଼ରେ ଧ୍ୱସ୍ତବିଧ୍ୱସ୍ତ ହୁଏ ସେ ବିଶ୍ୱାସର ବିସ୍ତୀର୍ଣ୍ଣ ପରିଧି । ଛିଡ଼ିଯାଏ ଆନ୍ତରିକତାର ଶୃଙ୍ଖଳ । ମାଟି କାମୁଡ଼େ ମନ। ଲୁହ ଆଉ କୋହ ସବୁ ପାଲଟିଯାଆନ୍ତି ଚିର ସହଚରୀ। ପରାସ୍ତ ହୃଦୟଟା ଆଉଟୁପାଉଟୁ ହୁଏ ପ୍ରତାରିକାର ଅହମିକାଭରା ସ୍ମୃତିକୁ ସାଉଁଟି । ଅହରହ ପ୍ରତାରଣାର ଯଜ୍ଞକୁଣ୍ଡରେ ଆହୁତି ସମ ସ୍ୱାହା ହେଉଥାଏ ତାର ଅନ୍ତରାତ୍ମା, ହୃଦୟରୁ ସେ ଅନୁରାଗ ଉତ୍ତାରି ନ ପାରି । ତଥାପି ଏ ଆହତ ହୃଦୟ ସାଇତିଚାଲେ ତାର ସେ ବହଳ ପ୍ରେମର ଅନୁରକ୍ତିକୁ । ଆହୁତି ହୋଇ ଜଳିବା ବେଳେ ସେ ବି ପାଏ ଏକ ଅପୂର୍ବ ଅନୁଭବ - ଯାହା ସବୁ ବଖାଣେ କବି ସୂର୍ଯ୍ୟକାନ୍ତ ପ୍ରଧାନ ମହୋଦୟଙ୍କ ଏକପଦୀ ସଂକଳନ 'ଆହୁତି'।

ଜୀବନ୍ତ ମନେ ହୁଏ କବିଙ୍କର ପ୍ରତିଟି ପଦ । ଏଇତ ଏଇଠି କୋଉଠି ଅନୁଭବି ହେଉଛି ସେ ଶବ୍ଦର ପ୍ରତିଟି ସତ୍ତା । ହୃଦୟର ଦରଜା ସବୁ ଆପେ ଆପେ ମେଲି ହେଇଯାଉଛି ସେ ସ୍ମୃତିର ଗଜଲ ସବୁକୁ ଆପଣେଇ ନେବାକୁ । ସେ ସୁଖର ଅସମ୍ଭାଳ ପଣ ଆଉ ଦୁଃଖର ଅସହ୍ୟ କ୍ଷଣ ଖାଲି ମୋତେ କାହିଁକି ପାଠ କରିବା ପରେ ଜିଣିବ ପ୍ରତିଟି ପାଠକର ହୃଦୟକୁ । ପ୍ରତାରଣାରେ ପୋତି ହୋଇ ଅଣନିଃଶ୍ୱାସୀ ହେଉଥିବା ପ୍ରତିଟି ପ୍ରେମୀଙ୍କ ମନରେ ପୁଣି ଥରେ ସଞ୍ଚରିବ ବିରହରେ ବି ପ୍ରେମମୟ ହୋଇ ଉଠିବାର ଅଦୃଶ୍ୟ ଆନ୍ତରିକତା ପଣ ଞ୍ଝଆହୁତିକୁଞ୍ଝ ଆପଣାର କରିବା ପରେ। ଧୋକ୍କା ଶବ୍ଦ ବି ଧୋଇଯିବ ମନରୁ, ବିଷମୟ ମୁହୂର୍ତ୍ତସବୁ ପୁଣି ଥରେ ଉଜ୍ଜୀବିତ ହେବେ ସେ ଅମୃତ ସ୍ମୃତିର ସଂଜୀବନୀ ମନ୍ତ୍ରରେ, ଦରଦୀ କବିଙ୍କ ଞ୍ଝଆହୁତିରଞ୍ଝ ଆହ୍ୱାନରେ ।

ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ କବି ସୂର୍ଯ୍ୟକାନ୍ତ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଜୀବନକୁ ଏକ ଭିନ୍ନ ଭଂଗୀରେ ଦେଖନ୍ତି ସେ । ଏକାଧାରରେ ସେ ଜଣେ କବି, ଔପନ୍ୟାସିକ, ସମାଜସେବୀ, ଉଦାର ଚରିତ୍ର, ସରଳମନା ଏବଂ ସେବା ଆଉ ସାହିତ୍ୟର ପୂଜାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କହନ୍ତି ଆଲୁଅଟାକୁ ଆଲୁଅରେ ମାପିବାଟା ମୂର୍ଖାମୀ, ଚାଲ ଅନ୍ଧାର ଭିତରେ ଖୋଜିବା କେତେ ଆଲୁଅ ଅଛି ସେଠି । ପାରୁଛୁ ଯଦି ଗୋଟେ ସୂର୍ଯ୍ୟୋଦୟ ତିଆରେ, ଗୋଟେ ଆକାଶ ଗଢ଼, ଆଉ ସେ ଆକାଶରେ ଖଞ୍ଜି ଦେ କିଛି ତାରା, ଯୋଉଠି କେବେ ଆଲୁଅ ପହଂଚିପାରିନି । ତେଲିଆ ମୁଣ୍ଡରେ ତେଲ ଢାଳି ବାଃ ବାଃ ନେଏନି, ଖୋଜ କୋଉଠି ଶୁଖି ଶୁଖି ସିଠେଇ ଯାଇଛି ନୁଖୁରା ମୁଣ୍ଡଟା । ସ୍ୱାଭିମାନକୁ ବିକି ଫମ୍ପା ସମ୍ମାନ ବଢ଼ାନି, ସେବାରେ ସରେଇ ଦେ ତୋ ତମାମ ଜୀବନକୁ, କିଏ ଜାଣେ କେବେ ଏ ହାତ ପାଦ ଏକଦମ ନିସ୍ତବ୍ଧ ପାଲଟିଯିବ।

ପରିଶେଷରେ ଆଶା ରଖେ ବଡଭାଇ, କବି, ଔପନ୍ୟାସିକ, ସମାଜସେବୀ, ଅନ୍ୱେଷଣ ଟ୍ରଷ୍ଟର ପ୍ରତିଷ୍ଠାତା, ବାଗ୍ମୀ ପ୍ରକାଶନୀର ସମ୍ମାନୀୟ ପ୍ରକାଶକ ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ପ୍ରଧାନ ମହୋଦୟଙ୍କର ଏହି ଏକପଦୀ ସଂକଳନ 'ଆହୁତି' ପାଠକମାନଙ୍କର ପ୍ରିୟଭାଜନ ହେଉ, ଖୁବ ସାରା ଶ୍ରଦ୍ଧା, ସମ୍ମାନ ସାଉଣ୍ଟୁ ।

॥ ଜୟ ଜଗନ୍ନାଥ, ଜୟ କଳା ॥



ସମୀକ୍ଷା :
ବିକାଶୀ ପ୍ରିୟଦର୍ଶିନୀ ରାଉତ
ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା

---

**ପଢ଼ିବା ପରେ...**

## ଗୋଟେ ଅପରାଧ ସମ୍ପର୍କରେ






ମଣିଷ ନିଜର କ୍ଷୁଦ୍ରତାକୁ କଳିପାରେ ନାହିଁ ଯେମିତି କଳିପାରେ ମହାନତାକୁ ! ସେଥିପାଇଁ ବୋଧେ ଜୀବନ, ଯୌବନ ଆଉ ଧନର ନଶ୍ୱରତା ଅନୁଭବ ନକରି ବୃଥା ଅହମିକା, ଈର୍ଷା ଆଉ ଦ୍ୱେଷରେ ମାତିଥାଏ। ଆପଣାର ଲୋକକୁ କ୍ଷତାକ୍ତ କରେ। ନିରୀହକୁ ନିର୍ଯାତନା ଦିଏ। ସମାଜରେ ବଞ୍ଚି ରହିଥିବା କିଛି ସକାରାତ୍ମକ ଆଉ ନକାରାତ୍ମକ ଚରିତ୍ରକୁ ନେଇ ରାଜୀବ ଗୋପାଳ ସ୍ୱାଇଁଙ୍କ 'ଗୋଟେ ଅପରାଧ ସମ୍ପର୍କରେ' ଗତିଶୀଳ। ଅନେକ ଗୁଡ଼ିଏ ସମ୍ବେଦନଶୀଳ ଆଉ ସାଧାରଣ ଘଟଣାକୁ ସେ ଅସାଧାରଣ ଭାବରେ ପରସିଛନ୍ତି।

ପ୍ରଥମ ଗଳ୍ପ ବାପପୁଅ ସମ୍ପର୍କର ଏକ କରୁଣ ଆଉ ଅବିଶ୍ୱସନୀୟ ଭାବପ୍ରବଣତା ଉପରେ ପର୍ଯ୍ୟବେଶିତ। ଯେଉଁଠି ବୁଢ଼ାବାପ ନିଜ ଭେଣ୍ଡିଆ ପୁଅକୁ କାନ୍ଧ ଦେଇ ମଧ୍ୟ ଅନ୍ଧବିଶ୍ୱାସ କୁହେଳିକା ମଧ୍ୟରେ ନିଜର ମାନସିକ ସ୍ଥିତି ହରେଇ ଅଲୌକିକତାରେ ବିଶ୍ୱାସ କରି ପୁଣି ପୁଅ ବଞ୍ଚି ଉଠିବାର ସ୍ୱପ୍ନ ଦେଖିଛି। 'ମିରୀଚିକାର ମାୟା' ଗୋଟେ ଅସହାୟ ବାପର ଅବ୍ୟବସ୍ଥିତ ମନର ଅଶ୍ରୁଳ କାହାଣୀ। ମୂଲ୍ୟବୋଧ ଆଉ ଆଦର୍ଶ ଜୀବନଠୁଁ ଦୂରେଇ ଯାଇଛି ଆଜିର ଉଚ୍ଚଶିକ୍ଷିତ ବର୍ଗ। ଶିକ୍ଷାରେ ଉଚ୍ଚତର ସୋପାନକୁ ଉତୀର୍ଣ୍ଣ ହୋଇ ବୃତ୍ତିଗତ ଜୀବନରେ ପ୍ରବେଶ କଲାବେଳେ ନୈତିକ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ଯୁବକ ପରବର୍ତ୍ତୀ ସମୟରେ ଅର୍ଥର ପ୍ରାଚୁର୍ଯ୍ୟରେ ପ୍ରଦୂଷିତ ହୋଇ ଗୋଟେ ଅନ୍ତଃସାରଶୂନ୍ୟ ଜୀବନ ଆପଣେଇ ନିଏ। 'ଶାନ୍ତିକୁଞ୍ଜ' ସେମିତି ଏକ ପଥଭ୍ରଷ୍ଟ ଯୁବକର କାହାଣୀ। ସ୍ୱାର୍ଥହୀନ ସମ୍ପର୍କଟିଏ ଲୋଭରେ ମଣିଷ ସାରାଜୀବନ ବଞ୍ଚେ। ଜୀବନ ସରିଯାଏ, ସେମିତି ସମ୍ପର୍କ ପ୍ରାପ୍ତ ହୋଇନଥାଏ। 'ଶୂନ୍ୟତାର ଅଭିବ୍ୟକ୍ତି'ରେ ନାରୁଜେଜେ ସେମିତି ଦଳେ ସ୍ୱାର୍ଥପର ଚରିତ୍ରଙ୍କ ପାଇଁ ସାରା ଜୀବନ ଜିଇଁ ଆସିଥିଲେ ମଧ ସେମାନେ ତାଙ୍କ ପ୍ରତି ଅବିଚାର କରିଛନ୍ତି। ମାତ୍ର ଶେଷରେ ତାଙ୍କ ପୁଣ୍ୟର ହିସାବ ହୋଇଛି ଆଉ ସେ ବିଭୁକୃପା ଲାଭ କରିଛନ୍ତି।

ସଚରାଚର ପୃଥିବୀରେ ମୃତ୍ୟୁ ହିଁ ଧ୍ରୁବ ସତ୍ୟ । କେବେକେବେ ସେ ଅତିଥି ପରି ଆସେ ତ କିଏ ତାକୁ ଅପେକ୍ଷା କରିଥାଏ। ଯେମିତି ଦୁଇଟି କିଡ଼ନୀ ହରେଇ ଅନାଗ୍ରହ ଭାବରେ ବଞ୍ଚି ମୃତ୍ୟୁକୁ ଅପେକ୍ଷା କରୁଛି 'ଶତଦଳ'। 'ସତ୍ୟର ପ୍ରତିବିମ୍ବ'ରେ ରହିଛି ବଞ୍ଚିବା ପାଇଁ ସଂଘର୍ଷ ଆଉ ଶେଷରେ ଜୀବନ ଯୁଦ୍ଧରେ ହାରିଯାଉଥିବା ଗୋଟିଏ ଯୁବକର ଅଶ୍ରୁଳ ଜୀବନଗାଥା। ଜୀବନ ଆଉ ସମ୍ପର୍କର ଭିନ୍ନ ଭିନ୍ନ ଦିଗକୁ ଉନ୍ମୋଚନ କରେ 'ଜୀବନର ଭିନ୍ନରଙ୍ଗ'। ଭାତୃପ୍ରେମ, ଅମଳିନ ବନ୍ଧୁତ୍ୱ, ସର୍ବୋପରି ଜୀବନ ଯୁଦ୍ଧରେ ଏକ୍ଲା ହୋଇ ଯାଇଥିବା ନାରୀଟିଏ ପାଇଁ ତାକୁ ପ୍ରେମ କରୁଥିବା ପୁରୁଷଟିର ତା' ପ୍ରତି ଥିବା ଅତୁଟ ପ୍ରେମ ପାଠକକୁ ଛୁଇଁବ। ସମୟ ଦିନେ ବିବଶ କରିଦିଏ ମଣିଷକୁ ମାଟିର ମୋହ ତୁଟେଇବା ପାଇଁ। ସେତେବେଳେ ସାରାଜୀବନ ଅର୍ଜିଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ମୋହକୁ ପଛ କରି ଜୀବନର ଚକା ଭଉଁରୀରେ ହଜିଯାଏ। 'ବିବଶ ମାନଚିତ୍ର' ସେମିତି ଏକ ଗଳ୍ପ ଯେଉଁଠି ପାଠକ ନିଜକୁ ଆବିଷ୍କାର କରିବ।

'ଚେନାଏ ଆଲୁଅ'ରେ ରହିଛି ଅବହେଳିତ, ଯନ୍ତ୍ରଣା ଜର୍ଜରିତ ଦଳେ ନିରୀହ ଶ୍ରମିକ ଆଉ ତାଙ୍କୁ ସେଇ ନର୍କକୁ ଉଦ୍ଧାର କରିବା ପାଇଁ ମାରୁତିର ଆବିର୍ଭାବ। ଧର୍ମ ପାଖରେ ମାନବିକତା ହାରିଯିବାର କରୁଣ ଚିତ୍ର ରହିଛି 'ବିଶ୍ୱାସର ମୃତ୍ୟରେ'। ଅବକ୍ଷୟମୁଖୀ ଗ୍ରାମ୍ୟ ଜୀବନ ଆଉ ସେଥିରେ ବସବାସ କରୁଥିବା କିଛି ସ୍ଖଳିତ ଚରିତ୍ରଙ୍କୁ ନେଇ ଗଳ୍ପ 'ଗୋଟେ ଅପରାଧ ସମ୍ପର୍କରେ ଗତିଶୀଳ'। ଅନ୍ୟ ପକ୍ଷରେ 'ପାଦଚିହ୍ନ' ଗଳ୍ପଟି ପାଠକଙ୍କୁ ମାଟିମନସ୍କ କରିବ ଯେଉଁଠି କଟିଥିବ ତା ପିଲାବେଳେ, ଧୂଳିଖେଳ, ରଜ ଦୋଳି, ଫଗୁଣ ରାତି, ଦୋଳ ପୁନେଇଁ। ଗପଟି ଖୁବ୍ ଭାବପ୍ରବଣ କରିବ ଆଉ ଆଚ୍ଛନ୍ନ କରି ରଖିବ। 'ଭିନ୍ନ ଦିଗନ୍ତ' ଏକ ଭିନ୍ନ ସ୍ୱାଦର ଗଳ୍ପ ଯେଉଁଠି ପରମା ପରି ନିର୍ଭେଜାଲ ହୃଦୟର ମଣିଷ ବି ନିଜ ପ୍ରେମକୁ ପାଇନଥିବା ପତ୍ନୀକୁ ବାସର ରାତିରେ ସନ୍ୟାସିନୀ ହେବାର ସୁଯୋଗ ଦେଇ ସାରାଜୀବନ ନିଃସଙ୍ଗ ଜୀବନ ଆଦରି ନେବାର ପଣ କରନ୍ତି।

ସ୍ୱାର୍ଥସର୍ବସ୍ୱ ଆଉ ବସ୍ତୁବାଦୀ ଦୁନିଆଁରେ ରକ୍ତ ସମ୍ପର୍କରେ ଆଜି ଘୁଣ ଚରି ଯାଇଛି। ଅନ୍ତିମ ଗଳ୍ପ 'ଝଡ଼' ରେ ରହିଛି ବଡ଼ ଭଉଣୀ ଦ୍ୱାରା ପାଳିତ ଦୁଇ ସାନ ଭଉଣୀଙ୍କ ବିଶ୍ୱାସଘାତକତାର ଭୟଙ୍କର ଚିତ୍ର।

ମୋଟାମୋଟି ଭାବରେ କହିବାକୁ ଗଲେ ପଶ୍ଚିମା ପବ୍ଲିକେଶନସ ଦ୍ୱାରା ପ୍ରକାଶିତ ସଂକଳନଟିରେ ରହିଛି ଭିନ୍ନ ଭିନ୍ନ ବାରଟି କାହାଣୀ ଯାହା ପାଠକକୁ ବାନ୍ଧି ରଖିବ।



ସମୀକ୍ଷା : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

# ମହେନ୍ଦ୍ରଗିରି ଓ ମହେନ୍ଦ୍ରାଚଳର ଆଧ୍ୟାତ୍ମିକ ପରିଚୟ

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଦକ୍ଷିଣ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷା ଗଡ଼ଜାତ ଅଞ୍ଚଳରେ ଥିବା ମହେନ୍ଦ୍ରମାଳ ଅଞ୍ଚଳ ଏକ ପ୍ରସିଦ୍ଧ ଆଧ୍ୟାତ୍ମିକ ଉପାସନା କେନ୍ଦ୍ର । ଏଠାରେ ଥିବା ମହେନ୍ଦ୍ର ପର୍ବତ ବେଦ, ପୁରାଣ ବର୍ଣ୍ଣିତ ଏକ ସିଦ୍ଧ ତୀର୍ଥକ୍ଷେତ୍ର । ମହେନ୍ଦ୍ରାଚଳର ଅଧିପତିଙ୍କୁ ଆମେ ରାଜ ମହେନ୍ଦ୍ରରୁ ପ୍ରାପ୍ତ କରୁ । ସେ ବେଳରେ ଏହା ଥିଲା କଳିଙ୍ଗ ଦେଶାନ୍ତର୍ଗତ ଓ ଏହାର ରାଜଧାନୀ ଥିଲା ପୂଣ୍ୟତୋୟା ଗୋଦାବରୀ ନଦୀତଟରେ ଥିବା ଏହି ରାଜମହେନ୍ଦ୍ରି । ଗଞ୍ଜାମ ଜିଲ୍ଲାସ୍ଥ ଏହି ମହେନ୍ଦ୍ର ପର୍ବତ ଶ୍ରେଣୀ ବିଶେଷତଃ ୧୮ଡିଗ୍ରୀ–୫୮’–୧୦’’ ଉତ୍ତର ଅକ୍ଷାଂଶ ଏବଂ ୮୫ଡିଗ୍ରୀ–୨୬’– ୪’’ ପୂର୍ବ ଦ୍ରାଘିମାରେ ରହିଛି । ଓଡ଼ିଶାର ଦକ୍ଷିଣ ପ୍ରାନ୍ତରେ ଥିବା ଗଞ୍ଜାମ, ଗଜପତି ଜିଲ୍ଲା ସମେତ ଗୋଦାବରୀ ନଦୀ ନିକଟସ୍ଥ ପୂର୍ବଘାଟ ପର୍ବତମାଳାରୁ ଏହା ନିସୃତ । ଏହି ପର୍ବତ ଶ୍ରେଣୀର ଉଚ୍ଚତା ୪୯୭୩ ଫୁଟ ତଥା ପ୍ରାୟ ଦେଢ଼ କିମିରୁ ଅଧିକ। ବିଶେଷରେ ଇନ୍ଦ୍ରପଦ ସ୍ୱର୍ଗର ରାଜାଙ୍କୁ ପ୍ରାପ୍ତ ହୋଇଥାଏ । କିନ୍ତୁ ଏହି ପୃଥିବୀ ତଥା ମହୀଖଣ୍ଡର ରାଜା ଯିଏ ହୋଇଥାଆନ୍ତି ତାହାଙ୍କୁ ସ୍ୱର୍ଗ ଦେବଲୋକର ରାଜା ‘ଇନ୍ଦ୍ର’ ଭଳି ଏହାର ଅଧିପତିଙ୍କୁ ମହୀ-ଇନ୍ଦ୍ର ତଥା ‘ମହେନ୍ଦ୍ର’ କୁହାଯାଇଥାଏ । ଆମ ଭାରତରେ ସପ୍ତକୁଳାଚଳର ବୈଶିଷ୍ଟ୍ୟ ରହିଛି । ତଦାନୁଯାୟୀ ସେହି ସପ୍ତକୂଳ ପର୍ବତର ନାମ ବିଭିନ୍ନ ପୁରାଣମାନଙ୍କରେ ଉଲ୍ଲେଖ ରହିଛି । ଯେଭଳି : “ମହେନ୍ଦ୍ରମଳୟ ସହ୍ୟ ଶକ୍ତିମାନୃକ୍ଷ ବାନପି, ବିନ୍ଧ୍ୟଶ୍ଚ ପାରିଯାତ୍ରଶ୍ଚ ଇତ୍ୟେତେ କୁଳପର୍ବତଃ’’ । ଅର୍ଥାତ ଆମ ଭାରତବର୍ଷର ସାତଟି ବିଶ୍ୱବିଖ୍ୟାତ କୁଳପର୍ବତ ହେଉଛି ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମନ, ଋକ୍ଷ, ବିନ୍ଧ୍ୟ ଓ ପାରିଯାତ୍ର । ମହେନ୍ଦ୍ର ପର୍ବତ ଶ୍ରେଣୀର ଏତେ ପ୍ରଶସ୍ତି ରହିଛି ଯେ, ତାକୁ ଅଧ୍ୟୟନ ନ’କଲେ ଜାଣିବା କଷ୍ଟସାଧ । ରାମାୟଣ, ମହାଭାରତ କାଳରୁ ଏହା ଜନାଦୃତ ଓ ଗୌରବ ବିମଣ୍ଡିତ । କି’ ପୁରାଣ କି ଇତିହାସ ସବୁଥିରେ ମହେନ୍ଦ୍ର ପର୍ବତାଞ୍ଚଳର ଏତେ ବର୍ଣ୍ଣନା ରହିଛି ଯାହାର ଅଧ୍ୟୟନ ଓ ପୂଜନ ମନୁଷ୍ୟକୁ ମୁକ୍ତି ପ୍ରଦାନ କରିଦେଇଥାଏ । ଏହି କ୍ଷେତ୍ରରେ ପହଞ୍ଚିବାକୁ ହେଲେ ଏହି ପାର୍ବତ୍ୟମାଳାର ଚର୍ତୁଦିଗରୁ ପଥମାନ ରହିଛି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରୁ ଚିକିଟି, ଜରଡ଼ା ବାଟଦେଇ ପର୍ଶୁରାମ କ୍ଷେତ୍ର ଦେଇ କଇଁପୁରରେ ପହଞ୍ଚି ମହେନ୍ଦ୍ର ପର୍ବତର ଅନ୍ୟାନ୍ୟ ମନ୍ଦିର ଦର୍ଶନ କରିହେବ । ଏହା ବ୍ୟତୀତ ମଞ୍ଜୁଷା, ପୁତିଙ୍ଗି ରାଜବସା ଦେଇ ମହେନ୍ଦ୍ର କ୍ଷେତ୍ରର ଶୀର୍ଷ ଦେଶରେ ପହଞ୍ଚି ହେବ । ଏହା ବ୍ୟତୀତ ଗଜପତି (ପାରଳାଖେମୁଣ୍ଡି)ରୁ ସିଧାସଳଖ କଇଁପୁର ଦେଇ କୁନ୍ତୀ ମନ୍ଦିର ସମେତ ଅନ୍ୟାନ୍ୟ ଦର୍ଶନଯୋଗ୍ୟ ସ୍ଥାନରେ ଆଜିକାଲି ସୁବିଧାରେ ପହଞ୍ଚି ଯାଇ ହେଉଛି । ଯାହାବି ହେଉ, ମହେନ୍ଦ୍ର ଆମମାନଙ୍କର ଏକ ମନୋରମ ତୀର୍ଥ ସ୍ଥାନ ଓ ଅଧ୍ୟାତ୍ମିକ ଭୂମି । ଏହାର ଭ୍ରମଣ, ଦର୍ଶନ ମନରେ ଶାନ୍ତି ଓ ଭକ୍ତିଭାବର ସଞ୍ଚାର କରାଇଥାଏ । ଏହା ବିଶେଷ ଭାବରେ ଏକ ଐତିହ୍ୟପୂର୍ଣ୍ଣ ଶୈବ, ଶାକ୍ତ, ବୈଷ୍ଣବ କ୍ଷେତ୍ର ଭାବରେ ସାରା ଭାରତରେ ପ୍ରତିଭାତ ହେଉଛି । ଐତିହାସିକମାନେ ଏହାର ସ୍ଥିତି ସ୍ଥାପକତାକୁ ପୁରାଣ ଯୁଗରୁ ବର୍ଣ୍ଣନା କରିନେଇଛନ୍ତି । ଇତିହାସ କଥାରୁ ବହୁଳ କିମ୍ବଦନ୍ତୀ ଏହି କ୍ଷେତ୍ରର ସାକ୍ଷ ହୋଇ ରହିଛି । ମହେନ୍ଦ୍ର ପୀଠ ତଥା ପର୍ବତରୁ ଭକ୍ତ ବୀର ହନୁମାନ ଲଙ୍କା ଯାତ୍ରା କରିବା ପାଇଁ ଲମ୍ଫ ପ୍ରଦାନ କରିବା ସହ ଏହି ପର୍ବତର ପଥର ଫଟାଇ ଶୈଳଉଦ୍‌ଭବ ବଂଶର ଆଦ୍ୟ ପୁରୁଷ ରାଜା ଭାବରେ ସଂସ୍ଥାପିତ ହୋଇଥିଲେ । ଏମିତି ଅନେକ କଥା କାହାଣୀ ମହେନ୍ଦ୍ରଗିରି ପର୍ବତ, ଝରଣା, ନଦୀ ସହ ସମ୍ପୃକ୍ତ ଓ ସଂଜୀବିତ ରହିଛି । ମହାଭାରତ ପୁରାଣରେ ବର୍ଣ୍ଣିତ ପଞ୍ଚୁପାଣ୍ଡବଙ୍କ ଅଜ୍ଞାତବାସ କଥାର କାହାଣୀ ଏହି ମହେନ୍ଦ୍ରାଚଳରେ ଅତି ସଫଳତାର ସହ ବେଦବ୍ୟାସ ଉଲ୍ଲେଖ କରିଛନ୍ତି । ମହେନ୍ଦ୍ର ଶୀର୍ଷରୁ ନବ ଉଦିତ ସୂର୍ଯ୍ୟଦେବଙ୍କ ଦର୍ଶନ ମନର ମନୋରମ ଦୃଶ୍ୟ ଅବଲୋକନ ସହ ପ୍ରକୃତିର ଆଦ୍ୟ ଦୃଶ୍ୟଛିଟାକୁ ସଦର୍ଶନ କରିବାର ସୌଭାଗ୍ୟ ପ୍ରଦାନ କରିଥାଏ । ଏବେ ଆସନ୍ତୁ ଏହି ପ୍ରାକୃତିକ ଦିବ୍ୟ ଧର୍ମପୀଠ ବିଷୟରେ ଆଉ କିଛି ସର୍ବଜନାଦୃତ କଥା, କିମ୍ବଦନ୍ତୀ ଓ କାହାଣୀ ବିଷୟରେ ଜାଣିବାର ଚେଷ୍ଟା କରିବା ।

**ସତୀ ଆମ୍ବ କଥା:** ପଞ୍ଚୁପାଣ୍ଡବଙ୍କ ବନବାସ କାଳର କଥା, ଏମାନେ ବଣରେ କିଛି ଫଳମୂଳ ଖାଦ୍ୟ ସଂଗ୍ରହ କରି କ୍ଷୁଧା ନିବାରଣ ପାଇଁ କୌଣସି ଖାଦ୍ୟ, ଦ୍ରବ୍ୟ ପ୍ରାପ୍ତ ହେଲା ନାହିଁ । ଏମାନେ ଭୋକରେ ଆଉଟୁ-ପାଉଟୁ ହେଲା କାଳରେ ଦ୍ରୌପଦୀ ଦୁଃଖାନୁଭବ କରି ଗୋଟିଏ ଆମ୍ବଗଛକୁ ଲକ୍ଷ୍ୟ କରି କହିଲେ ଯେ, ସେ ଯଦି ସତୀ ହୋଇଥିବେ ଗଛଟି ଫୁଲ ଫଳରେ ଭର୍ତ୍ତି ହେବ । ତାଙ୍କରି ସତୀତ୍ୱର ପରାକାଷ୍ଠା ନେଇ ଆମ୍ବ ଗଛରେ ଫଳ ଭରି ହେଲା ଓ ତାକୁ ଖାଦ୍ୟ ରୂପେ ଗ୍ରହଣ କରି ପାଣ୍ଡବମାନେ ସଭିଏଁ କ୍ଷୁଧା ନିବାରଣ କରିପାରିଥିଲେ । ସେହି ଦିନରୁ ଏହି ମହେନ୍ଦ୍ରାଞ୍ଚଳରେ ସତୀ ଆମ୍ବ ଫଳ ପ୍ରାପ୍ତ ହେଉଛି ଓ ଏହା ସତୀତ୍ୱର ପ୍ରତିପାଦନ କରୁଛି । ସତୀ ଆମ୍ବ ବର୍ଷର ବାରମାସ ଧରି ଫଳି ଥାଏ ଓ ଏହାକୁ ଭକ୍ତି ବିଶ୍ୱାସର ସହ ସେବନ କଲେ ବନ୍ଧ୍ୟାତ୍ୱ ଦୂର ହେବା ସହ ବୈଧବ ଦୋଷ ଖଣ୍ଡନ ହେଉଥିବା କୁହାଯାଉଛି । ସତୀ ଆମ୍ବ ଏଠିକାର ଶବରମାନଙ୍କର ଅତି ପ୍ରିୟ ଓ ମଇତ୍ର, ସଙ୍ଗାତ ବସିବାରେ ‘ସତୀ ଆମ୍ବ’ ଜଣେ ଜଣକୁ ପ୍ରଦାନ କରିଥାନ୍ତି ଓ ସତୀ ଆମ୍ବ ଡାକନ୍ତି ।

**ଗୋକର୍ଣ୍ଣେଶ୍ୱରଙ୍କ ମହିମା:** ଗୋକର୍ଣ୍ଣେଶ୍ୱର ମହେନ୍ଦ୍ରଗିରି ପଥମ ଶୈବ ଠାକୁର । ଦିନେ ସ୍ୱୟଂ ମହାଦେବ ଯୋଗ ନିଦ୍ରାରୁ ଉଠି ସ୍ନାନାଦି ସମାପନାନ୍ତେ ସୁର ଗଙ୍ଗା ନଦୀ କୂଳରେ ତପଷ୍ଟାରଣ କାଳରେ ପୂଜାପାତ୍ରରୁ କୁଶଗୁଡ଼ିକୁ କପିଳାଗାଈ ଖାଇଦେଲା । ଶିବ କ୍ରୋଧିତ ହୋଇ କପିଳାଗାଈକୁ ତ୍ରିଶୂଳ ବିଦ୍ଧ କରି ମାରିଦେଲେ । ଗୋହତ୍ୟା ପାତକରୁ ମୁକ୍ତ ପାଇଁ ତାଙ୍କୁ ତପସ୍ୟା କରିବାକୁ ହେଲା । ଗୋ-ମସ୍ତକ ପଡ଼ିଥିବା ସ୍ଥାନରେ ସେ ଏକ ଶିବଲିଙ୍ଗ ପ୍ରତିଷ୍ଠା କରି ତାହାକୁ ଗୋକର୍ଣ୍ଣେଶ୍ୱର କ୍ଷେତ୍ର ନାମରେ ନାମିତ କଲେ । ଏହି ଗୋକର୍ଣ୍ଣେଶ୍ୱରଙ୍କ ମହିମାରୁ ଭକ୍ତମାନେ ରୋଗ, ଶୋକ, ବ୍ୟାଧି ଆଦିରୁ ମୁକ୍ତି ଲାଭ କରିଥିବା ଜଣାଯାଏ ।

**ଜିରାଙ୍ଗଗଡ଼ ଓ ପରମହଂସ ଖୋଲ କଥା:** ପାରଳାରେ ଥିବା ନ’ଟି ଗଡ଼ମାନଙ୍କ ମଧ୍ୟରେ ଜିରାଙ୍ଗଗଡ଼ ପ୍ରଧାନ । ଏଠାରେ ବଳଦେବ ମୁଖ୍ୟ ଦେବତା ଭାବରେ ପୂଜା ପାଆନ୍ତି। ମହେନ୍ଦ୍ରର ତୀର୍ଥ ଯାତ୍ରୀମାନେ ମହେନ୍ଦ୍ର ଗଲା ବେଳେ ଏହି ଜିରାଙ୍ଗର ବଳଦେବଙ୍କୁ ଦର୍ଶନ କରି ଯିବାକୁ ହେଇଥାଏ । ୧୯୪୨ ମସିହାରେ ଅଭିରାମ ଦାସ ନାମକ ଜଣେ ବାବାଜୀ ଜିରାଙ୍ଗ-ବଳଦେବଜୀଉଙ୍କ ଦର୍ଶନ ପାଇଁ ଆସିଥିଲେ । ସେତେବେଳେ ସେ ଦେଖିଲେ ଏଠିକା ଅଞ୍ଚଳରେ ହଇଜା ରୋଗ ବ୍ୟାପି ବହୁ ଜନଜୀବନ ନେଲାଣି । ଅଞ୍ଚଳବାସୀଙ୍କ ଦୁଃଖରେ ଅତିଷ୍ଠ ହୋଇ ଅଭିରାମ ବାବାଜୀ ସମସ୍ତଙ୍କ ମୁଣ୍ଡରେ ବଳଦେବଙ୍କ ସିନ୍ଦୁର ଟିକିଏ ମନ୍ତ୍ରିତ କରି ଲଗାଇ ଦେଲେ ଓ ସେଠାରେ ଥିବା ଲତାରୁ ପତ୍ରର ଦୋର ଟିକିଏ ଦେହରେ ଲଗାଇ ସେବନ କରାଇ ସମସ୍ତଙ୍କୁ ଏହି ହଇଜା ରୋଗରୁ ରକ୍ଷା କରିପାରିଥିଲେ । ହୁଏତ ଏହା ରୋଗ ସଂକ୍ରମିତ ଅଞ୍ଚଳର ଜନତାଙ୍କ ମନୋବଳ ବଢ଼ାଇ ଦେହରେ ରୋଗ ପ୍ରତିରୋଧ ଶକ୍ତିର କ୍ଷରଣ କରାଇଥିଲା । ଯାହା ସମସ୍ତଙ୍କୁ ଏ ଅକାଳ ମହାମାରୀରୁ ରକ୍ଷା କରିପାରିଥିଲା । ଏହା ପରେ ଅଭିରାମ ସାଧୁ- ମହେନ୍ଦ୍ରଗିରିର ଏକ ଗୁହାରେ ତପଷ୍ଟାରଣରେ ବ୍ୟସ୍ତ ରହିଲେ । ସେ ଦିନରୁ ସାଧୁ ଅଭିରାମ ଦାସ- ପରମହଂସ ଭାବରେ ଚିହ୍ନିତ ହେଲେ । ଏବେ ବି କୁନ୍ତୀ ମନ୍ଦିର ତଥା ଗୋକର୍ଣ୍ଣେଶ୍ୱରଙ୍କ ପାଖରେ ସାଧୁଙ୍କ ‘ପରମହଂସ ଖୋଲ’ ରହିଛି ।

**ରାମଖୋଲ:** ମହେନ୍ଦ୍ର ପର୍ବତର ବାରଘର ଓ ଇନ୍ଦ୍ର କୁଣ୍ଡ ମଝିରେ ଥିବା ସ୍ଥାନଟି ରାମଖୋଲ ନାମରେ ପରିଚିତ । ରାମଚନ୍ଦ୍ର ମିଥିଳାରୁ ସମୁଦ୍ର ଦର୍ଶନ ପାଇଁ ବାବା ବଜାଇ ଏହି ପର୍ଶୁରାମଙ୍କ ତପସ୍ୟା କ୍ଷେତ୍ର ଦେଇ ଗଲା ବେଳେ ସ୍ୱୟଂ ପର୍ଶୁରାମ ରାମଙ୍କ ସହ ଯୁଦ୍ଧ କରି ସ୍ୱୟଂ ପରାସ୍ତ ହେଲେ । ପର୍ଶୁରାମ ଯୁଦ୍ଧରେ ହାରି ରାମଖୋଲ ଠାରେ ରହିଗଲେ । ସେହି ଦିନଠାରୁ ‘ଜାନୁଘଣ୍ଟ ପର୍ଶୁରାମ’ ଲୋକ କାହାଣୀ ଓ ଗୀତ କଥାର ପ୍ରାରମ୍ଭ ହେଲା । ଏବେ ଭକ୍ତମାନେ ଯେତେବଡ଼ ଧନୀ ହୋଇଥିଲେ ବି ଚିତ୍ରିତ ହାଣ୍ଡି ଓ ପର୍ଶୁ ହସ୍ତରେ ଧରି ଜାନୁରେ ଘଣ୍ଟି ବାନ୍ଧି ପର୍ଶୁରାମଙ୍କ ଯୁଦ୍ଧ ଗୀତ ଗାଇ ଭିକ୍ଷା ଗ୍ରହଣ କରିଥାନ୍ତି । ଗଞ୍ଜାମ ଅଞ୍ଚଳରେ ‘ଜାନୁଘଣ୍ଟ ପର୍ଶୁରାମ’ ସମ୍ପ୍ରଦାୟ ଭକ୍ତିର ସହ ଗୀତ ବୋଲି ଭିକ୍ଷା ଆହରଣ କରିଥାନ୍ତି । ରାମ ନବମୀ ବେଳେ ଏହି ଭିକ୍ଷାର୍ଥୀମାନେ ବିଶେଷରେ ଦେଖାଯାଆନ୍ତି । ଏମିତି ଅନେକ କଥା ଓ କାହାଣୀ ମହେନ୍ଦ୍ର ତୀର୍ଥର ରହିଛି । ଏହାଛଡ଼ା ବର୍ତ୍ତମାନ ଜୁନ ୧ ତାରିଖଠାରୁ ୯ ତାରିଖ ୨୦୨୬ ଯାଏ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ମହା ସମାରୋହରେ ପାଳିତ ହୋଇଛି । ଆଶା ବିଶ୍ୱରେ ଦେଖାଦେଇଥିବା ଯୁଦ୍ଧ ବିଗ୍ରହ ଠାକୁରଙ୍କ ଦୟାରୁ ଶାନ୍ତି ଆଡ଼କୁ ପ୍ରଧାବିତ ହେବ ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି, ବ୍ରହ୍ମପୁର, ଗଂଜାମ
(ମୋ) ୯୩୩୭୯୬୦୬୮୮

ସ୍ମରଣୀୟେଷୁ...

# ରାଇରଙ୍ଗପୁରରୁ ରାଇସିନା ହିଲ୍

## ସୁଷମା ପରିଜା





ବଣରେ ଫୁଟି ବଣରେ ଝଡି ପଡିବା ତ’ ବଣମଲ୍ଲୀର ଭାଗ୍ୟଲେଖା । କିନ୍ତୁ ସେହି ବଣମଲ୍ଲୀଙ୍କ ମଧ୍ୟରୁ କେହି ଜଣେ ସେଇ ଭାଗ୍ୟ ଲିପିକୁ ବଦଳାଇ ଆକାଶରେ ଉଜ୍ୱଳତମ ନକ୍ଷତ୍ର ଟିଏ ହୋଇ ସାରା ଜଗତକୁ ଆଲୋକିତ କରିବାର ସୌଭାଗ୍ୟ ଖୁବ୍ ବିରଳ। ଆକାଶରେ ଉଜ୍ୱଳ ତାରକାଟିଏ ହେବାର ସ୍ୱପ୍ନ ଦେଖିବା ଏବଂ ତା’କୁ ସାକାର କରିବାର ନିରନ୍ତର ପ୍ରୟାସ କରିବାର ପ୍ରତିଭା କେବଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଭଳି ଅସାଧାରଣ ମହିଳା ହିଁ କରି ପାରନ୍ତି। ଘନଜଙ୍ଗଲ ଘେରା ମୟୁରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଜନ୍ମ ନେଇ, ଜୀବନର ଅନେକ ବନ୍ଧୁର ପଥ ଡେଇଁ, ଆପଣାର ଅନେକ କିଛି ହରାଇ, ସିଏ ପହଞ୍ଚି ପାରନ୍ତି ଭାରତର ପ୍ରଥମ ନାଗରିକ ସ୍ଥାନରେ। ସେ ଯୋଗଜନ୍ମା, ପୁଣ୍ୟ ଆତ୍ମା । ତାଙ୍କର ଏ ସଫଳତାରେ କେବଳ ତାଙ୍କ ପିତାମାତା, ପରିବାର କି ଆତ୍ମୀୟସ୍ୱଜନ ନୁହଁନ୍ତି ସାରା ଓଡିଶାର ମାଟି ପାଣି ପବନ ସହିତ ଆମେ ସମସ୍ତେ ଗର୍ବିତ ।

ଦ୍ରୌପଦୀ ମୁର୍ମୁ ୧୯୫୮ ମସିହା ଜୁନ ୨୦ ତାରିଖରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ପାହାଡତଳିଆ ଗାଆଁ ଉପରବେଡାରେ ଏକ ଦରିଦ୍ର ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିରଞ୍ଚି ନାରାୟଣ ଟୁଡୁ । ତାଙ୍କ ବାପା ଓ ଜେଜେବାପା ଉଭୟ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ଗାଁ ମୁଖିଆ ଥିଲେ । ସେ ସମୟରେ ତାଙ୍କ ଗାଆଁରେ ଦାରିଦ୍ର୍ୟ ଏବଂ ଅଶିକ୍ଷାର ରାଜୁତି ଥିଲା, ମହିଳା ମାନଙ୍କ ଶିକ୍ଷା ପ୍ରାୟ ନିଷିଦ୍ଧ ଥିଲା। ଗାଆଁରେ ସ୍କୁଲ୍‌ଟିଏ ଥିଲେ ମଧ୍ୟ କେବଳ ବାଳକମାନେ ହିଁ ପଢିବାର ସୁଯୋଗ ପାଉଥିଲେ। ତଥାପି ବାପାଙ୍କ ପାଖରେ ସେ ନିଜେ ଜିଦ୍ କରି ନିଜ ଗାଆଁ ଉପରବେଡ଼ା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ବର୍ଷକୁ ଦୁଇହଳ ପୋଷାକରେ ବିତାଇବାକୁ ପଡୁଥିଲା । ହଳେ ଚପଲ କିଣିବା ପାଇଁ ଅର୍ଥ ନଥିବାରୁ ଖାଲି ପାଦରେ ଚାଲି ଚାଲି ସ୍କୁଲ୍ ଯିବାକୁ ପଡୁଥିଲା ତାଙ୍କୁ। ଆଗକୁ ପାଠ ପଢିବା ପାଇଁ ଗାଆଁରେ ସ୍କୁଲ୍ ନଥିଲା କି ବାପାଙ୍କର ସମ୍ବଳ ନଥିଲା ବାହାରକୁ ପଠାଇ ପାଠ ପଢିବା ପାଇଁ । ଝିଅକୁ ଶିକ୍ଷିତ କରାଇବା ପାଇଁ ଇଚ୍ଛା ଥିଲେ ମଧ୍ୟ ନିରୁପାୟ ଥିଲେ ବାପା ବିରଞ୍ଚି ନାରାୟଣ ଟୁଡୁ।

ସେଇ ସମୟରେ ଦେବଦୂତଙ୍କ ଭଳି ଉଭା ହୋଇଥିଲେ ତାଙ୍କ ଅଞ୍ଚଳର ବିଧାୟକ ଏବଂ ମନ୍ତ୍ରୀ ଶ୍ରୀଯୁକ୍ତ କାର୍ତ୍ତିକ ମାଝୀ। ନିଜେ ଜନଜାତିର ହୋଇଥିବା ହେତୁ ସେମାନଙ୍କର ଅବସ୍ଥାକୁ ସେ ଖୁବ୍ ସମ୍ବେଦନଶୀଳତାର ସହ ବିଚାର କରିଥିଲେ। ସେତେବେଳକୁ ଭୁବନେଶ୍ୱରର ଇଉନିଟ୍‌ଟୁ ସ୍କୁଲ୍ ପାଖରେ ନୂତନ ଭାବରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ୍‌ଟିଏ ଖୋଲିଥାଏ। ଦ୍ରୌପଦୀଙ୍କର ଦୃଢ ଆତ୍ମବିଶ୍ୱାସ ଏବଂ ପଢିବା ପାଇଁ ନିଷ୍ଠାକୁ ଦେଖି ଉପରବେଡା ଗାଆଁରୁ ଏକମାତ୍ର ଛାତ୍ରୀ ହିସାବରେ ଦ୍ରୌପଦୀ ଭୁବନେଶ୍ୱର ଆଦିବାସୀ ହଷ୍ଟେଲ୍‌ରେ ରହି ହାଇସ୍କୁଲ୍‌ରେ ପଢିବାର ସୁବ୍ୟବସ୍ଥା କରିଦେଲେ ମନ୍ତ୍ରୀ ମହାଶୟ। ହଷ୍ଟେଲ୍‌ରେ ଅଳ୍ପ ଷ୍ଟାଇପେଣ୍ଡ୍ ସହିତ ବାପାଙ୍କ ପାଖରୁ ମାସିକ ଦଶ ଟଙ୍କା ହାତଖର୍ଚ୍ଚ ମିଳିଲା ଦ୍ରୌପଦୀଙ୍କୁ। ସେହିଠାରେ ରହି ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିଲେ ଦ୍ରୌପଦୀ। ମାଟ୍ରିକ୍ ପରେ ରମାଦେବୀ ମହିଳା ମହାବିଦ୍ୟାଳୟରୁ କଳାରେ ଇଣ୍ଟରମିଡିଏଟ୍ ଏବଂ ତା’ପରେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରିଥିଲେ ସେ । ଛାତ୍ର ଅବସ୍ଥାରୁ ହିଁ ତାଙ୍କ ଭିତରେ ଦୃଢ ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ନେବାର ସକଳ ଲକ୍ଷଣ ପରିଲକ୍ଷିତ ହୋଇଥିଲା। ନିଜ ଭଳି ଦରିଦ୍ର ଏବଂ ପଛୁଆ ଜନଜାତିର ଛାତ୍ରୀ ମାନଙ୍କୁ ଅକୁଣ୍ଠରେ ସାହାଯ୍ୟ କରୁଥିଲେ ସେ । ତାଙ୍କର ଲକ୍ଷ୍ୟ ଥିଲା ପାଠପଢି ଚାକିରୀ କରି ବାପାଙ୍କୁ ସାହାଯ୍ୟ କରିବା ଏବଂ ନିଜ ଭାଇ ଭଉଣୀମାନଙ୍କୁ ମଣିଷ କରିବା। ସେଥିଲାଗି ଫାଇନାଲ୍ ପରୀକ୍ଷା ଦେବା ପରେ ସେ ବିଭିନ୍ନ ସ୍ଥାନରେ ଚାକିରୀ ପାଇଁ ଦରଖାସ୍ତ କରିଥିଲେ। ଯୋଗକୁ ୧୯୮୨ ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ଆଦିବାସୀ ଏବଂ ଅନୁସୂଚିତ ଜାତିମାନଙ୍କ ନିମିତ୍ତ ଏକ ସ୍ୱତନ୍ତ୍ର ନିଯୁକ୍ତି ପରୀକ୍ଷା କରାଯାଇଥିଲା । ସେଥିରେ କୃତକାର୍ଯ୍ୟ ହୋଇ ଫାଇନାଲ୍ ପରୀକ୍ଷା ଫଳ ନବାହାରୁଣୁ ଓଡିଶା ସେକ୍ରେଟାରୀଏଟ୍‌ର ଜଳସେଚନ ବିଭାଗରେ କନିଷ୍ଠ କିରାଣୀ ଭାବରେ ଯୋଗଦେଇଥିଲେ ଦ୍ରୌପଦୀ ।

ଅଳ୍ପଦିନ ପରେ ତାଙ୍କର ବିବାହ ସ୍ଥିର ହୋଇଥିଲା ମୟୁରଭଞ୍ଜ ପାହାଡପୁର ଗାଆଁର ଶ୍ରୀଯୁକ୍ତ ଶ୍ୟାମ ଚରଣ ମୁର୍ମୁଙ୍କ ସହିତ। ଶ୍ୟାମ ଚରଣ ପେଷାରେ ଥିଲେ ଜଣେ ଥିଲେ ବ୍ୟାଙ୍କ୍ କର୍ମଚାରୀ। ବିବାହ ପରେ ଦ୍ରୌପଦୀ ନିଜ ସାଙ୍ଗିଆ “ଟୁଡୁ”ରୁ “ମୁର୍ମୁ”କୁ ପରିବର୍ତ୍ତିତ କରିଥିଲେ । ଧୀରେ ଧୀରେ ସଂସାର ବଢୁଥିଲା। ତାଙ୍କର ପ୍ରଥମ ଝିଅଟି ମାତ୍ର ତିନିବର୍ଷର ହୋଇଥିଲା ବେଳେ ଅଜଣା ରୋଗରେ ପଡି ମରିଗଲା। ସ୍ୱାମୀଙ୍କର ବଦଳି ଚାକିରୀକୁ ଝିଅକୁ ହରାଇବାର ଦୁଃଖ, ଏପଟେ ନିଜର ଚାକିରୀ, ଏ ସବୁ ଭିତରେ ନିଜକୁ ମୋଟେ ସହଜ କରି ପାରୁନଥିଲେ ଦ୍ରୌପଦୀ । ନିଜେ ନିଜର ଚାକିରୀଠାରୁ ଦୂରେଇ ଯାଇ ସ୍ୱାମୀଙ୍କ ପାଖରେ ରହିଲେ ତାଙ୍କ ଚାକିରୀ ସ୍ଥଳରେ। ସମୟକ୍ରମେ ଦୁଇଟି ପୁଅ ଆଉ ଗୋଟିଏ ଝିଅର ମାଆ ହେଲେ ଦ୍ରୌପଦୀ। ସେଇମାନଙ୍କର ଦେଖାଶୁଣା କରିବାରେ ବିତିଗଲା ବେଶ୍ କେଇ ବର୍ଷ। ପିଲାମାନେ ଟିକିଏ ବଡ ହେଲାପରେ ପୁଣି ଖାଲିପଣ ବିରକ୍ତିକର ଲାଗିଲା ତାଙ୍କୁ । ତାଙ୍କ ଭିତରେ ସମାଜ ପାଇଁ କିଛି କରିବାର ପ୍ରବଳ ଆଗ୍ରହ ଥିଲା। ୧୯୯୪ ମସିହାରେ ସେ ରାଇରଙ୍ଗପୁରରେ ଥିବା ସମୟରେ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲ୍‌ରେ ଅନରାରୀ ଶିକ୍ଷକ ଭାବରେ ଯୋଗ ଦେଇଥିଲେ। ସକାଳୁଆ ସ୍କୁଲ୍ ସାରି ସ୍ଥାନୀୟ ଲୋକମାନଙ୍କ ସହିତ ମିଳାମିଶା କରି ସେମାନଙ୍କର ଦୁଃଖ ସୁଖ ବୁଝିଥାନ୍ତି ସେ। କାହାର କୌଣସି ସାହାଯ୍ୟ ଦରକାର ହେଉଥିଲେ ବିନା ଦ୍ୱିଧାରେ ପହଞ୍ଚି ଯାଆନ୍ତି ଦ୍ରୌପଦୀ । ଏମିତି ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଉଥାଏ ସେଠାରେ। ତାହାକୁ ଲକ୍ଷ୍ୟ କରି ସେଠାକାର ଲୋକମାନେ କହନ୍ତି “ତୁମେ ମାଗଣାରେ ସ୍କୁଲ୍‌ରେ ପାଠ ପଢାଉଛ, ମାଗଣାରେ ଅନ୍ୟର ବିପଦ ଆପଦରେ ଠିଆ ହେଉଛ, ତେବେ ତୁମେ ରାଜନୀତିକୁ ଆସୁନ କାହିଁକି ? ଦ୍ରୌପଦୀ ଦୁଇ ହାତଯୋଡି କହନ୍ତି “ନାଇଁରେ ବାବା ! ରାଜନୀତିର ଅକ୍ଷର ଜଣାନାହିଁ ମୋତେ, ମୁଁ ଆପଣମାନଙ୍କର ସେବା କରିବାରେ ଆନନ୍ଦ ପାଉଛି, ସେଇ ମୋ’ ପାଇଁ ଯଥେଷ୍ଟ । ରାଜନୀତିରେ ଆଗ୍ରହ ନାହିଁ ମୋର।” ସେତେବେଳକୁ ରାଇରଙ୍ଗପୁରରେ ତାଙ୍କର କିଛି ପ୍ରିୟ ମଣିଷ ତୁମକୁ ରାଜନୀତି ଆମେ ଶିଖାଇଦେବୁ କହି ତାଙ୍କୁ ଜୋର ଜବରଦସ୍ତି କରି ୧୯୯୭ ପୌରାଞ୍ଚଳ ନିର୍ବାଚନରେ କାଉନସିଲର୍ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରାଇ ଦେଲେ। ନିଜର ବହୁଳ ଲୋକପ୍ରିୟତା ହେତୁ ଦ୍ରୌପଦୀ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନରେ ଜିତିଗଲେ ମଧ୍ୟ। ସେତେବେଳେ କାଉନସିଲ୍‌ର ଚେୟାରମ୍ୟାନ୍ ଥାଆନ୍ତି ଶ୍ରୀଯୁକ୍ତ ରାଜ କିଶୋର ଦାସ ମହୋଦୟ। ଦ୍ରୌପଦୀଙ୍କୁ ଭାଇସ୍ ଚେୟାରମ୍ୟାନ୍ ପଦରେ ଅବସ୍ଥାପିତ କରି ରାଜନୀତିର ପାଠ ଶିଖାଇଲେ ଶ୍ରୀଯୁକ୍ତ ରାଜ କିଶୋର ଦାସ। ପରବର୍ତ୍ତୀ ସମୟରେ ତାଙ୍କୁ ବିଧାନସଭା ନିର୍ବାଚନ ଲଢିବା ପାଇଁ ମଧ୍ୟ ପ୍ରସ୍ତାବ ଦେଲେ।

ଦ୍ରୌପଦୀ ମୁର୍ମୁ ୨୦୦୦ ମସିହାରେ ହୋଇଥିବା ଓଡ଼ିଶା ବିଧାନସଭା ନିର୍ବାଚନରେ ରାଇରଙ୍ଗପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ସେ ୨୫,୧୧୦ ଖଣ୍ଡ ଭୋଟ୍ ପାଇବା ସହିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀ ଲକ୍ଷ୍ମଣ ମାଝୀଙ୍କୁ ୪,୫୬୮ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ଦ୍ୱାଦଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

୨୦୦୪ ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପୁଣିଥରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ସମୁଦାୟ ୨୯,୨୯୫ ଖଣ୍ଡ ଭୋଟ୍ ପାଇ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରାର୍ଥୀ ରାମଚନ୍ଦ୍ର ମୁର୍ମୁଙ୍କୁ ୩୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ତ୍ରୟୋଦଶ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ।

ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳର ସଂଯୁକ୍ତ ଶାସନ ବେଳେ ସେ ବାଣିଜ୍ୟ ଏବଂ ଗମନାଗମନ ବିଭାଗର ସ୍ୱାଧୀନ ମନ୍ତ୍ରୀ ଭାବେ ୨୦୦୦ ମାର୍ଚ୍ଚ ୬ରୁ ୨୦୦୨ ଅଗଷ୍ଟ ୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗରେ ମନ୍ତ୍ରୀ ଭାବେ ୨୦୦୨ ଅଗଷ୍ଟ ୬ ରୁ ୨୦୦୪ ମଇ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।

ଭାରତୀୟ ଜନତା ପାର୍ଟିର ଦଳୀୟ ପ୍ରାର୍ଥୀ ଭାବେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ସେ ୨୦୦୦ ଏବଂ ୨୦୦୪ରେ ଦୁଇ ଦୁଇଥର ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ବିଧାନସଭା କାର୍ଯ୍ୟକାଳରେ କୌଣସି ଦିନ ଅନୁପସ୍ଥିତ ନରହି, ନିଜର ସୁସଂଯତ ବ୍ୟବହାର ଏବଂ ପ୍ରଶ୍ନୋତ୍ତର ସମୟରେ ନିଜର ଯୁକ୍ତିଯୁକ୍ତ ମନ୍ତବ୍ୟ ପ୍ରଦାନ କରି ଦ୍ରୌପଦୀ ମୁର୍ମୁ ଓଡ଼ିଶା ବିଧାନ ସଭାଦ୍ୱାରା ୨୦୦୭ବର୍ଷ ପାଇଁ ଶ୍ରେଷ୍ଠ ବିଧାୟକ ଭାବେ “ନୀଳକଣ୍ଠ” ସମ୍ମାନରେ ସମ୍ମାନୀତ ହୋଇଥିଲେ। ଏହି ସମୟ ମଧ୍ୟରେ ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦିଆଇବା ତାଙ୍କର ଶ୍ରେଷ୍ଠ ଅବଦାନ ବୋଲି କୁହାଯାଏ। ଦ୍ରୌପଦୀଙ୍କର ନିଷ୍ଠାପରତା ଦେଖି ପରବର୍ତ୍ତୀ ସମୟରେ ଭାରତର ମହାମାନ୍ୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଜୀ ଦ୍ରୌପଦୀଙ୍କୁ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଭାବରେ ନିଯୁକ୍ତି ଦେଇଥିଲେ । ଝାଡଖଣ୍ଡର ପ୍ରଥମ ଜନଜାତି ମହିଳା ରାଜ୍ୟପାଳ ଭାବରେ ୨୦୧୫ ମସିହା ମଇ ମାସ ୧୮ ତାରିଖରୁ -୨୦୨୧ମସିହା ଜୁଲାଇ ମାସ ୧୨ ତାରିଖ ମଧ୍ୟରେ ସେ ଝାଡଖଣ୍ଡ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କରି ସାରା ଦେଶରେ ପ୍ରଶଂସାଭାଜନ ହୋଇଛନ୍ତି ।

୧୯୯୭ରୁ ଦ୍ରୌପଦୀ ମୁର୍ମୁ ବିଜେପିର ଆଦିବାସୀ ମୋର୍ଚ୍ଚା ସହ ଜଡ଼ିତ । ୧୯୯୭ରେ ତାଙ୍କୁ ଭାରତୀୟ ଜନତା ପାର୍ଟିର ଆଦିବାସୀ ମୋର୍ଚ୍ଚାର ଉପ-ସଭାପତି ପଦ ମିଳିଥିଲା । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ରହିଛନ୍ତି । ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଜ୍ୟ ଅଧକ୍ଷା ରହିଛନ୍ତି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

ଛୋଟ ଗଳ୍ପ

# ବାପା



## ନଗେନ୍ଦ୍ରନାଥ ପଟ୍ଟନାୟକ

ଶୀତୁଆ ସକାଳର ନରମ ଖରା ସୁନେଲି ଚାଦର ଭଳି ବିଛେଇ ହୋଇଥିଲ ଅଗଣାସାରା। ମାସ କେଇଟା ବିତିଗଲା ପରେ ମାତୃଳାୟ ଆସିଲା ନିଧି । ବାପାଙ୍କ ପାଖରେ ଯେମିତି ସେ ବସିପଡ଼ିଲା ତା’ ନଜର ପଡିଗଲା ତାଙ୍କ ପୁରୁଣା ପିତଳ ଥାଳିଟା ଉପରେ । ଥାଳିରେ ପରଶା ହୋଇଥିଲା ରୁଟି, ସାଦା ତରକାରି ଓ ଡ଼ାଲି ।

ପଟେ ରୁଟିକୁ ଆଙ୍ଗୁଳିରେ ହାଲକା ଭାବେ ମୋଡ଼ିଦେଇ ନିଧି କହିଲା: ବାପା ! ଭାଉଜ ଉପରେ ତୁମେ ଟିକେ ନିଘା ରଖିବା କଥା । ସେ ତ ରୁଟିକୁ ଟିକେ କଡ଼ା କରିଦେଉଛନ୍ତି । ତା’ଛଡ଼ା ପୁଣି ତରକାରିରେ ରସୁଣ ଫାଳ ଜଳଜଳ ଦିଶୁନି । ହରଡ଼ଡାଲି ବନା ହୋଇଛି ଯେ ସେଥିରେ ଧନିଆପତ୍ର ପଡ଼ିଲାନି। ତା’ପରେ ପୁଣି ରସୁଣ ଚଟଣି ବନା ହୋଇନି କାଇଁକି ?

ଈଷତ୍ ମୁରୁକି ହସ ହସିଦେଲେ ବାପା, ଯେମିତି ଆପତ୍ତି ଅଭିଯୋଗଗୁଡ଼ିକ ତାଙ୍କୁ ବେଶ୍ ମାମୁଲି ଜଣା ପଡ଼ିଥିଲା । ସେଇକ୍ଷଣି ପ୍ରକୋଷ୍ଠ ଭିତରୁ ଝଡ଼ଭଳି ବାହାରି ଆସିଲେ ବୋହୂ ଅଙ୍କିତା । କହିଲେ: ବାପା ! କ’ଣ କିଛି ପରଷି ଦେବି ?

: ନା ଝିଅ, ବାସ୍ ସେତିକି ଯଥେଷ୍ଟ। ଗଳାକୁ ଟିକେ ନରମକରି ବାପା କହିଲେ।

ଔଷଧ ପଥି ପାପାଙ୍କ ପାଖରେ ଥୋଇଦେଇ ରୋଷଶାଳା ଭିତରକୁ ଡ଼ଗଡ଼ଗ ପାହୁଣ୍ଡ ପକେଇ ଚାଲିଗଲେ ଅଙ୍କିତା, ବିନା କିଛି ବାକ୍ୟ ବିନିମୟରେ। ବେଶ୍ କିଛି ସମୟ ଭିତରେ ଧନିଆପତ୍ର କାଟି ଡାଲିରେ ପକେଇଲେ।

ବୋହୂ ସେଠୁ ଚାଲିଗଲା ପରେ ନିଧି ପୁଣି ବିଡ଼୍‌ବିଡ୍ ହେଲା: ଆଜି ଯଦି ମାଆ ଥାଆନ୍ତେ ତେବେ ତୁମକୁ ଏମିତି ଖାଇବା କେବେ ଦେଇନଥାନ୍ତେ । ଭୋଜନ ସରିବା ପରେ ତୁମର ତ ମିଠା ବେଶ୍ ପସନ୍ଦ ।

ଏଥର ଝିଅ ଆଡ଼ିକି ବେଶ୍ ଗମ୍ଭୀର, ଶାନ୍ତ ଓ ଅନୁଭବୀ ଭାବେ ଦୃଷ୍ଟିପାତ କଲେ ବାପା । ସେ ଯେମିତି ବହୁବର୍ଷର ବୋଝ ଉତ୍ତାରି କିଛି କହିବାକୁ ଇଚ୍ଛା କରୁଛନ୍ତି ।

: ନିଧି...କ୍ଷୀଣ ସ୍ୱର ତାଙ୍କର; କିନ୍ତୁ ଭିତରେ ଅତୁଟ ଟାଣପଣ ।

: ତୋ ମାଆ ଆରପାରିକି ଚାଲିଗଲା ପରେ ମୁଁ ଖୁବ୍ ନିଃସଙ୍ଗ ହୋଇଯାଇଥିଲି। ଘରେ ଲୋକବାକ ଥିଲେ ସତ; କିନ୍ତୁ ଘର ଘର ପରିକା ନ ଥିଲା। ସେଇ ଶୂନ୍ୟତା ଭିତରେ ଘର ଭିତରକୁ ଆଗମନ ହେଲା ତୋ ଭାଉଜର। ଠିକ୍‌ସେ ମକାରୋଟି ବନେଇ ପାରୁନଥିଲା ସେ। ପିଲାଝିଲାଙ୍କ ଭଳି ଧାଉଁଥିଲା ସିନା; କିନ୍ତୁ ମତେ ମକା ରୁଟି ବେଶ୍ ପସନ୍ଦ ବୋଲି ବେଶ୍ ଜାଣିଥିଲା ସେ ।

ରୋଟିଗୁଡ଼ାକ ଗୋଲିଆ ଓ ନରମ ନ ହେବାଯାଏ ସେ ନିଇତି ବେଲିବାକୁ ଚେଷ୍ଟା କରୁଥିଲା । ଆଜି ଧନିଆପତ୍ର ପଡ଼ିନଥିଲା ବୋଲି ସେ ତୁରନ୍ତ ଧନିଆପତ୍ର କାଟି ପକେଇଦେଲା । କାରଣ ମୋ ଖାଇବା ଥାଳିରେ କ’ଣ କିଛି ଊଣା ଦେଖିଲେ ସେ ମାନିନିଏ । ତୁ ତ ଓଜର ଆପତ୍ତି ସବୁ ଖୋଜି ନେଉଛୁ । ତାହା କମ୍ କରି ଖୋଜିଲେ କମ୍‌ତି ଭରଣା ହୋଇଯାଆନ୍ତା ମା’ ନିଧି, ତୋ ଭାଉଜ କେବଳ ମୋ ବୋହୂ ନୁହେଁ, ମୋ ଝିଅ ମଧ୍ୟ। କେବେ ମୋ ମାଆ ବନି ମୋ କଂପିତ, ଶିରାଳ ହାତରେ ଔଷଧ ପଥି ଧରାଇଦିଏ ତ କେବେ ଭଉଣୀ ହୋଇ ମଥା ଚିପିଦିଏ । ଆଉ ରାତିରେ ତୋ ମା’ର ଛବି ଚଳଚ୍ଚିତ୍ର ଭଳି ମୋ ଆଖି ଆଗରେ ଭାସିଆସିଲା ବେଳେ ସେ ପଚାରେ -ବାବା, କ’ଣ ହେଲା ?

ନିଧିଙ୍କ ଛାତି ଭିତରୁ କୋହ ଉଠୁଥିଲା ତୁହାଇ ତୁହାଇ । ସେ ପ୍ରଥମଥର ପାଇଁ ବାପାଙ୍କ ନିଃସଙ୍ଗତାର ସେଇ



ସ୍ପନ୍ଦନକୁ କାନପାତି ଶୁଣୁଥିଲେ ଯାହାକୁ ସେ ବର୍ଷଣମୁଖର ରାତିରେ ଅଣଦେଖା କରିଥିଲେ।

ଆସ୍ତେ ଆସ୍ତେ ନିଧିଙ୍କ ଓଷ୍ଠ ବୁଜି ହୋଇଆସିଲା । ଯେମିତି ଆପତ୍ତି ଅଭିଯୋଗର ହିମଖଣ୍ଡ ସବୁ ସେଇ ଖରାତାତିରେ ତରଳିଯାଉଛି । ଟିକକ ପରେ ବିଛଣାରୁ ଉଠିଲେ ବାପା । ରୋଷେଇଘର ଆଡିକି ମୁହଁ ଫେରାଇ ଆଣି କୁହାଟ ଛାଡିଲେ: ଅଙ୍କିତା, ଆଗ ତୁ କ’ଣ ଗଣ୍ଡାଏ ଖାଇନେ, ଝିଅ। ତା’ପରେ ବେଶ୍ ଆରମରେ ରୋଷେଇବାସ କାମରେ ଲାଗିପଡିବୁ । ସକାଳ ପ୍ରହରୁ ବିବେକ ଆଉ ତୋ ପାଇଁ ଜିଲାପି ଆଣିଥିଲି, ଟେବୁଲ ଉପରେ ଥୋଇ ଦେଇଛି ବେଶ୍ ସନ୍ତର୍ପଣରେ। ଆଉ ହଁ, ନିଧିକୁ ତ ଖୋଇବାର ଅଛି ।

ମୁର୍କିମୁର୍କି ହସୁଥିଲେ ଅଙ୍କିତା। ‘ହଉ ବାପା’ କହି ସେ ରନ୍ଧାଘର ଭିତରୁ ପଦାକୁ ବାହାରି ଆସିଲେ। ଆଉ ସେହିକ୍ଷଣି ନିଧିକୁ ମନେହେଲା ଏ ଘରେ ବୋହୂ ନୁହେଁ, ଜଣେ ଝିଅ ରହିଛି ଯେ ନିଜର ସ୍ନେହ ମମତା ଓ ହେପାଜତ୍‌ରେ ତା’ ବାପାଙ୍କୁ ନୂତନ ଭାବେ ଜୀବନ୍ୟାସ ଦେଇଛି ।

♥ ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
(ମୋ) ୯୪୩୮୩୩୨୧୩୮

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଭିଜିଲାନ୍ସ ମାମଲା ଥିଲେ ମିଳିବନି ପଦୋନ୍ନତି, ପଦୋନ୍ନତି ବାତିଲ ସଂପର୍କିତ ସରକାରଙ୍କ ନିଷ୍ପତ୍ତି କାଏମ



କଟକ, ୨୦/୬ (ନି.ପ୍ର): ଭିଜିଲାନ୍ସ ମାମଲା ଥିଲେ ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ମିଳିବ ନାହିଁ। ୨୦୨୩ରେ ବରିଷ୍ଠ ରାଜସ୍ୱ ସହକାରୀଙ୍କୁ ସେକ୍ସନ ଅଫିସର ପଦକୁ ପଦୋନ୍ନତି ପ୍ରଦାନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ଭିଜିଲାନ୍ସ ମାମଲା ବିଚାରାଧୀନ ଥିବା ଜଣା ପଡ଼ିଥିଲା। ଏହାପରେ ସେକ୍ସନ ଅଫିସର ପଦକୁ ପଦୋନ୍ନତି ନିଷ୍ପତ୍ତିକୁ ବାତିଲ କରାଯିବା ସହିତ ସଂପୃକ୍ତ କର୍ମଚାରୀଙ୍କୁ ପୁଣି ପୂର୍ବର ବରିଷ୍ଠ ରାଜସ୍ୱ ସହକାରୀ ପଦକୁ ଖସାଇ ଦିଆଯାଇଥିଲା। ଅନୁଗୁଳ ଜିଲ୍ଲାପାଳଙ୍କ ୨୦୨୬, ଜାନୁଆରି ୨୧ର ଏପରି ନିର୍ଦ୍ଦେଶ ଆଇନ ସମ୍ମତ ବୋଲି ହାଇକୋର୍ଟ ମତ ଦେବା ସହିତ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ପଦୋନ୍ନତି ବାତିଲ ସଂକ୍ରାନ୍ତୀୟ ଜାନୁଆରି ୨୧ର ନିର୍ଦ୍ଦେଶକୁ ଚାଲେଞ୍ଜ କରି କର୍ମଚାରୀ ଜଣକ ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନୁଗୁଳ ଜିଲ୍ଲାରେ କାର୍ଯ୍ୟରତ ସଂପୃକ୍ତ ବରିଷ୍ଠ ରାଜସ୍ୱ ସହକାରୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପଦୋନ୍ନତି ପ୍ରଦାନ କରାଯିବା ସମୟରେ ବରିଷ୍ଠ ରାଜସ୍ୱ ସହକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ବିଚାରାଧୀନ ଥିବାରୁ ସେ ନିୟମିତ ପଦୋନ୍ନତି ପାଇବାକୁ ସେତେବେଳେ ଯୋଗ୍ୟ ନଥିଲେ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ପରିଶେଷରେ ଯଦି ଭିଜିଲାନ୍ସ ମାମଲାରେ ଦୋଷମୁକ୍ତ ହୁଅନ୍ତି ତେବେ ଆବେଦନକାରୀ ପଦୋନ୍ନତିର ଲାଭ ପାଇବା ପାଇଁ ନିଜର ଦାବି ପୁନର୍ବାର ଉପସ୍ଥାପନ କରିପାରିବେ। ଏଥି ସହିତ ଭିଜିଲାନ୍ସ ମାମଲାର ଶୀଘ୍ର ଫଇସଲା ପାଇଁ ଆବେଦନକାରୀ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ପାରିବେ ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ବିଭାଗୀୟ ପଦୋନ୍ନତି କମିଟି(ଡିପିସି)ର ୨୦୨୩, ଜୁଲାଇ ୩୧ର ନିଷ୍ପତ୍ତି ଆଧାରରେ ବରିଷ୍ଠ ରାଜସ୍ୱ ସହକାରୀ ପଦରେ କାର୍ଯ୍ୟରତ ଆବେଦନକାରୀଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲା।

## ବିଧାୟକଙ୍କ ଦ୍ୱାରା ମିଶନ ଶକ୍ତି ରିଟେଲ ମାର୍କେଟ ଉଦ୍ଘାଟିତ

ଝାରସୁଗୁଡା, ୨୦/୬ (ନି.ପ୍ର): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର ଉତ୍ସବରେ ମିଶନ ଶକ୍ତି ରିଟେଲ ମାର୍କେଟର ଶୁଭ ଉଦ୍ଘାଟନ ହୋଇଯାଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ନୂତନ ରିଟେଲ ମାର୍ଟର ଆନୁଷ୍ଠାନିକ ଉଦ୍ଘାଟନ କରିଛନ୍ତି। ସ୍ଥାନୀୟ ଅଂଚଳର ବହୁ ଏସଏଚଜି ମହିଳା ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ବେଶ୍ ଉତ୍ସାହର ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମତବ୍ୟକ୍ତ କରି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ଏହି ପଦକ୍ଷେପ ମହିଳା ସଶକ୍ତିକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ଡ଼କାୟତି ମାମଲାରେ ଜଣେ ଗିରଫ

ଜୟପୁର, ୨୦/୬ (ନି.ପ୍ର): କାଜୁ ମିଲ ମାଲିକଙ୍କୁ ମାଡମିରା ଲୁଟ ମାମଲା ଅନ୍ୟ ଏକ ଅଭିଯୁକ୍ତ ଗିରଫ ଲୁଟ ମାମଲା ରେ ଆଜି ଅନ୍ୟ ଏକ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ଡ଼ଙ୍ଗରା ଗ୍ରାମର ବାବୁଲୁ ଏଲିୟସ ଗିରିଧାର ନାୟକ । ଏହି ମାମଲା ରେ ଗତ ୪ ତାରିଖରେ ୫ ଅଭିଯୁକ୍ତ କୁ ଗିରଫ କରିଥିବା ବେଳେ ଆଜି ଅନ୍ୟ ଏକ ଅଭିଯୁକ୍ତ କୁ ଗିରଫ କରିଛି । ୫ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ ଲ ଗିରଫ ଅଭିଯୋଗ ଫୁଫୁଗାଁ ଗ୍ରାମର ରମେଶ ଆଲିଏସ ଆଲୋକ ହରିଜନ(୨୨), ସନ କେବିଡି ଗ୍ରାମର ଟୁକୁନା ହରିଜନ (୧୯), ଡ଼ଙ୍ଗରା ଗ୍ରାମର ଦୈତାରୀ ହରିଜନ (୨୨), ଦଣ୍ଡସେନାଗୁଡା ଗ୍ରାମର ଦମ୍ଭରୁ ଧର ମାଝୀ (୩୦) ଓ ଡ଼ଙ୍ଗରା ଗ୍ରାମର ଫୁଫୁଲ ନାୟକ (୨୨)। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଂଚାୟତରେ ରହିଥିବା ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଗତକାଲି ରାତି ୮ ସମୟରେ କାଜୁ ମିଲକୁ ବନ୍ଦ କରିବା ପରେ ବାଇକ ଯୋଗେ ଜୟପୁର ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ମାନେ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଗତ ୩୦ ତାରିଖ ରେ ଅଭିଯୋଗ ହୋଇଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ ପାଳିତ




ବାଲେଶ୍ୱର , ୨୦/୬ (ନି.ପ୍ର): ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡ଼ା ଦିବସ-୨୦୨୬ ପାଳିତ ହୋଇଯାଇଛି। ଭାରତୀୟ ହର୍ସସୁ କ୍ରାବ ଗବେଷଣା ଓ ସଂରକ୍ଷଣ କେନ୍ଦ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ବନ ବିଭାଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ-ଓଡ଼ିଶା ର ମିଳିତ ସହଯୋଗରେ ଏବଂ ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡର (ଓମବ୍ରିକ) ପ୍ରକଳ୍ପର ସହଭାଗୀ ସଂସ୍ଥାମାନଙ୍କ ଅଂଶଗ୍ରହଣ ସହ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓମବ୍ରିକ ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ସ୍ୱାଗତ ଭାଷଣରେ ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ପାଇଁ ସମନ୍ୱିତ ଓ ଦୀର୍ଘମିଆଦି ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ। ଓମବ୍ରିକ ପ୍ରକଳ୍ପର ଉପନିର୍ଦ୍ଦେଶକ ପ୍ରଫେସର ଭରତ ଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଏହି ପ୍ରକଳ୍ପର ସଂଯୋଜକ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରକଳ୍ପର ଗବେଷଣା ଓ ସଂରକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବିଶ୍ୱବିଦ୍ୟାଳୟରେ ନୀଳରକ୍ତ କଙ୍କଡ଼ାର ଗବେଷଣା ଓ ପରିବେଶ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏହି ଅବସରରେ ନୀଳରକ୍ତ କଙ୍କଡ଼ାଙ୍କ ସଂରକ୍ଷଣ ସମ୍ପର୍କିତ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଜୈବବିବିଧତା ସଂରକ୍ଷଣ ଓ ଆନ୍ତଃବିଷୟକ ଗବେଷଣା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରୟାସକୁ ଉଲ୍ଲେଖ କରିବା ସହ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ମେରାଇନ ସାଇନ୍ସ ପାଠ୍ୟକ୍ରମ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ବାଲେଶ୍ୱର ଡିଏଫଓ ଶ୍ରୀ ପ୍ରତୀକ ପ୍ରକାଶ ଇନ୍ଦଲକର ,ଓଡ଼ିଶାର ତଟୀୟ ଅଞ୍ଚଳକୁ ନୀଳରକ୍ତ କଙ୍କଡ଼ାର ଏକ ପ୍ରମୁଖ ଆବାସସ୍ଥଳୀ ବୋଲି ଉଲ୍ଲେଖ କରି ପ୍ରଶାସନିକ ସହଯୋଗିତା, ଉପକୂଳୀୟ ବାସସ୍ଥଳୀ ସୁରକ୍ଷା, ବୈଜ୍ଞାନିକ ଗବେଷଣା ଓ ଜନସହଭାଗିତା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଉପନିର୍ଦ୍ଦେଶକ ଡ଼କ୍ଟର ଶଶିକାନ୍ତ ଦାଶ ଓଡ଼ିଶାର ବ୍ଲୁ ଇକୋନୋମିର ସମ୍ଭାବନା ଏବଂ ସାମୁଦ୍ରିକ ଜୈବବିବିଧତା ସଂରକ୍ଷଣ ସହ ସ୍ଥାୟୀ ବିକାଶର ସମ୍ପର୍କ ଉପରେ ମତ ରଖିଥିଲେ। ବୈଷୟିକ ଅଧିବେଶନର କୋଲକାତା ସ୍ଥିତ ଆଇଜର ଶିକ୍ଷାନୁଷ୍ଠାନର ପ୍ରଫେସର ପୁଣ୍ୟଶ୍ଳୋକ ଭଦୁରୀ ଏବଂ ଏନଆଇଓ, ଗୋଆର ପୂର୍ବତନ ବୈଜ୍ଞାନିକ ଡ଼କ୍ଟର ଅନୀଲ ଚାଟାର୍ଜୀ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ଆବାସସ୍ଥଳୀ ନିରୀକ୍ଷଣ ଓ ପ୍ରମୁଖ ବିପଦ ସମ୍ପର୍କରେ ଆଲୋଚନା କରିଥିଲେ। ପୁନେ ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ଡ଼କ୍ଟର ବାସୁଦେବ ତ୍ରିପାଠୀ ଭାରତରେ ନୀଳରକ୍ତ କଙ୍କଡ଼ାର ବର୍ତ୍ତମାନ ସମୟର ସଂରକ୍ଷଣ ସ୍ଥିତି ଉପସ୍ଥାପନ କରିଥିଲେ। ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥା- କୋଲକାତାର ସୌମ୍ୟରଞ୍ଜନ ଦାଶ ଟ୍ୟାଗିଂ ଓ ଟ୍ରାକିଂ ପ୍ରଯୁକ୍ତିର ସାମ୍ପ୍ରତିକ ଅଗ୍ରଗତି ଉପସ୍ଥାପନ କରିଥିଲେ। ଏହି ଅବସରରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ନୀଳରକ୍ତ କଙ୍କଡ଼ା ସମ୍ବନ୍ଧିତ ବିତର୍କ, ଚିତ୍ରାଙ୍କନ, ସ୍ଲୋଗାନ ଲେଖନ ଓ ଓମବ୍ରିକ ପ୍ରକଳ୍ପ ପାଇଁ ଲୋଗୋ ଡିଜାଇନ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା। ନୀଳରକ୍ତ କଙ୍କଡ଼ା ଚାଷ ଓ ସଂରକ୍ଷଣ ଉପରେ ଏକ ଅଡିଓ-ଭିଜୁଆଲ ଫିଲ୍ମ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡ଼ାର ପରିବେଶଗତ ଓ ଜୈବ-ଚିକିତ୍ସାଗତ ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି, ଯୁବପିଢ଼ୀଙ୍କ ମଧ୍ୟରେ ସଂରକ୍ଷଣ ମନୋଭାବ ସୃଷ୍ଟି ଏବଂ ସରକାର, ଶିକ୍ଷାନୁଷ୍ଠାନ, ସଂରକ୍ଷଣ ସଂଗଠନ ଓ ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନକୁ ଡ଼କ୍ଟର ତମନ୍ନା ପରିଡ଼ା ସଂଚାଳନ କରିଥିବା ବେଳେ ଡ଼କ୍ଟର ସନାତନ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜଳେଶ୍ୱର ପଞ୍ଚାୟତ ସମିତି ସ୍ତରୀୟ 'ବିକାଶର ଧାରା ଓଡିଶା ସାରା' ସମ୍ମିଳନୀ ଅନୁଷ୍ଠିତ



ଜଳେଶ୍ୱର, ୨୦/୬ (ନି.ପ୍ର): ପଞ୍ଚାୟତ ରେ ସୁଶାସନ ଗ୍ରାମାଞ୍ଚଳରେ ପରିବର୍ତ୍ତନ ନାରା ଦେଇ ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜଳେଶ୍ୱର ପଞ୍ଚାୟତ ସମିତି ସ୍ତରୀୟ ବିକାଶର ଧାରା ଓଡିଶା ସାରା ସମ୍ମିଳନୀ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉପଲକ୍ଷେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହା ଏକ ବଡ଼ ପଦକ୍ଷେପ ନିଆଯାଇଛି।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ସେବା ସିଧାସଳଖ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବ। ଏହି 'ଜନ କଲ୍ୟାଣ ଶିବିର' ଗୁଡ଼ିକ ଲୋକଙ୍କ ପାଇଁ ଏକ ବ୍ୟାପକ ସେବା ପ୍ରଦାନକାରୀ ମାଧ୍ୟମ ବା ସିଙ୍ଗଲ୍-ୱିଣ୍ଡୋ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ।ଏଠାରେ ନାଗରିକମାନଙ୍କ ଅଧିକାର ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସୂଚନା ମିଳିପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନା ଏବଂ ବିକାଶମୂଳକ ଆଭିମୁଖ୍ୟ ବିଷୟରେ ନାଗରିକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ସଚେତନତା ସୃଷ୍ଟି କରାଯିବ। ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ ସେବା ଏବଂ ସୁବିଧା ସହଜରେ ପହଞ୍ଚାଇବାରେ ଏହି ଶିବିର ସହାୟତା କରିବ। ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀଙ୍କ ନାମପଞ୍ଜୀକରଣ, ଯାଞ୍ଚ ଏବଂ ତଥ୍ୟର ସଂଶୋଧନ କିମ୍ବା ଅପଡେଟ୍ ପ୍ରକ୍ରିୟାକୁ ସହଜ କରାଯିବ।ଜନସାଧାରଣଙ୍କ ଠାରୁ ସିଧାସଳଖ ଅଭିଯୋଗ ଓ ମତାମତ ସଂଗ୍ରହ କରାଯାଇ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ସରକାରୀ ଯୋଜନାଗୁଡ଼ିକରେ କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନପଡ଼ନ୍ତି ଏବଂ ସମସ୍ତଙ୍କୁ ସାମିଲ କରି କିଭଳି ଶତପ୍ରତିଶତ ସଫଳତା ହାସଲ କରାଯାଇପାରିବ, ତାହା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। ରାଜ୍ୟର ସମସ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି।ଏହି ଅଭିଯାନ ଦ୍ୱାରା ଗ୍ରାମାଞ୍ଚଳର ବହୁ ଗରିବ ଓ ମଧ୍ୟବିତ୍ତ ପରିବାର ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ଗ୍ରାମପଞ୍ଚାୟତ ସ୍ତରରେ ଏହି ଶିବିରର ଆୟୋଜନ ସମୟରେ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଁ ବିଭିନ୍ନ ସାଂସ୍କୃତିକ କିମ୍ବା ସୂଚନାଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ କରାଯାଇପାରେ। ବିଶେଷ କରି ସେବା ପାଇବାରୁ ବଞ୍ଚିତ ଥିବା ଲୋକଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅମ୍ଳାନ ଯୋଜନା,ଆୟୁଷ୍ମାନ କାର୍ଡ,ରକ୍ତ ହୀନତା, କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ ସମ୍ପଦ ଯୋଜନା,ପ୍ରାଣୀ ସମ୍ପଦ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, ଗ୍ରୀନ ଏନାର୍ଜି,ପ୍ରଧାନ ମନ୍ତ୍ରୀ ଆଇ ଆଦର୍ଶ ଯୋଜନା ପ୍ରମୁଖ ବିଭିନ୍ନ ଯୋଜନା ସମ୍ପର୍କରେ ମେଡିକାଲ ଅଫିସର ଭୀଷ୍ମ ପରିଡ଼ା, ଭେଟନାରୀ ଅଫିସର ଶିଶିର କୁମାର ଲେଙ୍କା, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର,ଇଲେକ୍ଟ୍ରି ଏସ ଡି ଓ ବିଦ୍ୟାଧର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ବିଡ଼ିଓ ସୁଧୀର କୁମାର ସାହୁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟ କ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଇରଙ୍ଗପୁରରୁ .....

(ପୃଷ୍ଠା ୬ର ଅବଶିଷ୍ଟାଂଶ) ୨୦୧୦ରେ ମୟୁରଭଞ୍ଜର ଭାରତୀୟ ଜନତା ପାର୍ଟି (ପୂର୍ବ)ର ଜିଲ୍ଲା ଅଧ୍ୟକ୍ଷା ରହିଛନ୍ତି। ୨୦୧୩ରୁ ଏପ୍ରିଲ ୧୦, ୨୦୧୫ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି (ପୂର୍ବ)ର ଜିଲ୍ଲା ଅଧ୍ୟକ୍ଷା ଓ ୨୦୧୩ରୁ ଏପ୍ରିଲ ୧୦, ୨୦୧୫ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ରହିଥିଲେ । ରାଜନୀତିରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଏହି ସଫଳ ମହିଳାନେତ୍ରୀଙ୍କର ବ୍ୟକ୍ତିଗତ ଜୀବନ କିନ୍ତୁ ବେଶ୍ ଦୁଃଖପୂର୍ଣ୍ଣ। ଜୀବନରେ ଅନେକ କିଛି ହରାଇବାକୁ ପଡିଛି ତାଙ୍କୁ। ତାଙ୍କର ପ୍ରଥମ କନ୍ୟା ସନ୍ତାନଟି ମାତ୍ର ତିନି ବର୍ଷରେ ଅଜଣା ରୋଗରେ ପ୍ରାଣ ହରାଇଥିବା ବେଳେ ପ୍ରଥମ ପୁତ୍ର ସନ୍ତାନଟି ମାତ୍ର ପଚିଶି ବର୍ଷ ବୟସରେ ଏକ ସନ୍ଦିଗ୍ଧ ପରିସ୍ଥିତିରେ ପ୍ରାଣ ହରାଇଥିଲା। ଦ୍ୱିତୀୟ ପୁତ୍ର ସନ୍ତାନଟି ମଧ୍ୟ ମାତ୍ର ତେଇଶି ବର୍ଷ ବୟସରେ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ସେ ସଂପୂର୍ଣ୍ଣ ଭାବରେ ଭାଙ୍ଗିପଡିଥିଲେ। ବିଷାଦଗ୍ରସ୍ତ ହୋଇ ସେ ସଂସାର ପ୍ରତି ସଂପୂର୍ଣ୍ଣ ବୀତସ୍ପୃହ ହୋଇ ପଡିଥିଲା ବେଳେ ତାଙ୍କର ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଜୀବନ ଅନ୍ଧକାରମୟ ହୋଇଯାଇଥିଲା । ନିଜକୁ ନିଃଶେଷ କରିଦେବା ପାଇଁ ସାହସ ନଥିଲା ତାଙ୍କ ପାଖରେ । ଦୁଃଖର ନିଆଁରେ ଜଳୁଥିବା ବେଳେ ସେ ଆଶ୍ରିତ ହୋଇଥିଲେ ପ୍ରଜାପିତା ବ୍ରହ୍ମା କୁମାରୀ ସଂସ୍ଥାରେ। ସେଠାରେ ରହିବା ପରେ ଈଶ୍ୱର ଚିନ୍ତନରେ ମଗ୍ନ ରହି, ସତସଙ୍ଗ କରି, ଧୀରେ ଧୀରେ ତାଙ୍କର ମାନସିକ ଅବସ୍ଥା ସ୍ଥିର ହୋଇ ଆତ୍ମା ଶାନ୍ତ ହୋଇଥିଲା। ତାଙ୍କର ଶେଷ କନ୍ୟା ସନ୍ତାନ ଇତିଶ୍ରୀ ସେତେବେଳକୁ ଓଡିଶାର ଏକ ପ୍ରମୁଖ ବ୍ୟାଙ୍କରେ ଚାକିରୀ ପାଇ ସାରିଥାଏ। ତା'ର ବାହାଘର ପରେ ଦ୍ରୌପଦୀ ମୁର୍ମୁ ସଂପୂର୍ଣ୍ଣ ସମାଜସେବା ମନସ୍କ ହୋଇଥିଲେ। ଦ୍ରୌପଦୀ ମୁର୍ମୁଙ୍କର ଏହି ସେବାପରାୟଣତା ବେଶ୍ ପ୍ରଭାବିତ କରିଛି ସାରା ଭାରତକୁ। ଭାରତର ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଶାସକ ଦଳ ବିଜେପି ତରଫରୁ ଜୁନ୍ ୨୦୨୨ରେ ତାଙ୍କର ନାମ ସୁପାରିଶ କରାଯାଇଥିଲା । ୨୦୨୨ ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ଦ୍ରୌପଦୀ ମୁର୍ମୁ ଶାସକଦଳ ସମେତ ଅନ୍ୟାନ୍ୟ ବହୁ ଗଣତାନ୍ତ୍ରିକ ଦଳମାନଙ୍କର ସମର୍ଥନ ଲାଭ କରି ସମଗ୍ର ଭୋଟ୍‌ର ଷାଠିଏ ପ୍ରତିଶତରୁ ଅଧିକ ଭୋଟ ପାଇ, ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀ ଯଶୱନ୍ତ ସିହ୍ନାଙ୍କୁ ବହୁତ ପଛରେ ପକାଇ ସ୍ୱାଧୀନ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି ସମ୍ମାନୀୟା ଦ୍ରୌପଦୀ ମୁର୍ମୁ । ଏତଦ୍ୱାରା ସେ ପ୍ରଥମ ଭାବରେ ଅନେକ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ସେ ହେଉଛନ୍ତି ସ୍ୱାଧୀନୋତ୍ତର ଭାରତରେ ଜନ୍ମ ନେଇଥିବା ପ୍ରଥମ ରାଷ୍ଟ୍ରପତି। ସେ ହେଉଛନ୍ତି ଭାରତର ସର୍ବକନିଷ୍ଠ ରାଷ୍ଟ୍ରପତି। ସେ ହେଉଛନ୍ତି ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ଦେଶର ପ୍ରଥମ ନାଗରିକ ଭାବେ ଦ୍ରୌପଦୀ ମୁର୍ମୁଙ୍କର ବିଜୟରେ ଏବେ ସାରା ବିଶ୍ୱରେ ଚହଳ ପଡିଛି। ଚାରିଆଡକୁ ଅଭିନନ୍ଦନର ସୁଅ ଛୁଟିଛି ନବ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପାଖକୁ। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଜୀ ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ "ଦ୍ରୌପଦୀ ମୁର୍ମୁ ବିଶ୍ୱର ସମସ୍ତ ଜନଜାତିମାନଙ୍କ ଉନ୍ନତିର ପ୍ରତୀକ, ସେ ସମଗ୍ର ନାରୀଜାତି ପାଇଁ ଆଶାର ଆଲୋକ ।" କୋଟି ଓଡିଆର ମଉଡମଣି ଶ୍ରୀଜଗନ୍ନାଥଙ୍କ କୃପାରୁ ଓଡିଶାର ସାନ୍ତାଳୀ ଜନଜାତିର ପ୍ରଥମମହିଳା ଭାବରେ ଓଡିଶାର ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ନିର୍ବାଚିତ ହୋଇ ସାରାଓଡିଶା ଆଉ ଓଡିଆଜାତିର ସମ୍ମାନ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । ମୟୁରଭଞ୍ଜର ଉପରବେଡାରୁ ଦିଲ୍ଲୀର ରାଇସିନା ହିଲ୍ ପର୍ଯ୍ୟନ୍ତ ଦୁର୍ଗମ ବନ୍ଧୁର ପଥକୁ ଅଦମ୍ୟ ସାହସ ଏବଂ ଗଭୀର ନିଷ୍ଠା ବଳରେ ଅତିକ୍ରମ କରିଥିବା ଆମ ପ୍ରଥମ ଓଡିଆ ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଆମ ସମସ୍ତଙ୍କର ଗର୍ବ ଏବଂ ଗୌରବର ପ୍ରତୀକ । ସାରା ବିଶ୍ୱରେ ପ୍ରଣମ୍ୟା ସେ।

♥ ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ-୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ...

ରାଷ୍ଟ୍ରପତି ସେମାନଙ୍କ ପାଖକୁ ଆସିଛନ୍ତି, ବରଂ ସେମାନଙ୍କ ନିଜ ମା' ଯେମିତି ତାଙ୍କ ପାଖକୁ ଆସିଛନ୍ତି। ଆଜିର ଦିନକୁ ସେ ନିଜ ଜୀବନର ଏକ ଶିକ୍ଷାର ଦିବସ ବୋଲି ଅଭିହିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଜନ୍ମଦିନରେ ତାଙ୍କ ଗାଁକୁ ଆସିବାର ସଂଯୋଗକୁ ସେ ସମ୍ପୂର୍ଣ୍ଣ ଈଶ୍ୱରଙ୍କ ଇଚ୍ଛା ବୋଲି କହିବା ସହ ନିଜେ ଅତୀତରେ ଜନଜାତି ଅଂଚଳରେ ଜଣେ ସ୍ୱେଚ୍ଛାସେବୀ ଭାବେ କାମ କରିଥିବା ଅନୁଭୂତିକୁ ମଧ୍ୟ ବାଣ୍ଟିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଥିଲେ ଯେ, ଯେଉଁ ପୂର୍ବ ଭାରତକୁ କଂଗ୍ରେସ ଶାସନ ସମୟରେ ପଛୁଆ ବୋଲି କୁହାଯାଉଥିଲା, ଏବେ ତାହା କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ନୀତି ଯୋଗୁଁ ଦେଶର ପ୍ରଗତିର ପ୍ରବେଶ ଦ୍ୱାର ପାଲଟିଛି। ଓଡ଼ିଶାରେ ରେଳ, ସଡ଼କ ଓ ବନ୍ଦର ଭଳି ମୌଳିକ ଭିତ୍ତିଭୂମିରେ ରେକର୍ଡ ପରିମାଣର ନିବେଶ ହେଉଛି । ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁରକୁ ଖୁବଶୀଘ୍ର ସମ୍ପୂର୍ଣ୍ଣ 'ସୂର୍ଯ୍ୟଗ୍ରାମ' (ସୋଲାର ଭିଲେଜ) ଭାବେ ବିକଶିତ କରାଯିବ, ଯାହାଫଳରେ ସେଠାକାର ଲୋକଙ୍କୁ ମାଗଣା ବିଦ୍ୟୁତ ମିଳିବ ଓ ବଳକା ବିଦ୍ୟୁତ ବିକ୍ରି କରି ସେମାନେ ନିଜର ଆୟ ବଢ଼ାଇ ପାରିବେ । କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ପାହାଡ଼ପୁର 'ସୂର୍ଯ୍ୟଗ୍ରାମ' ଓଡ଼ିଶାର ଏକ ନୂଆ ପରିଚୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଧାନ କିଣାରେ ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ, ସୁଭଦ୍ରା ଯୋଜନାରେ କୋଟିଏରୁ ଅଧିକ ମହିଳାଙ୍କୁ ସହାୟତା, ଆୟୁଷ୍ମାନ ଭାରତ ଯୋଜନା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ୪ଟି ଯାକ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା ଡବଲ ଇଞ୍ଜିନ ସରକାରର ପ୍ରକୃତ ଶକ୍ତି ବୋଲି ସେ କହିଥିଲେ। ଜନଜାତିଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଓ ଧରିତ୍ରୀଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ସେମାନଙ୍କୁ ମୁଖ୍ୟଧାରାରେ ସାମିଲ କରୁଛି। ଏହାସହିତ ମୟୂରଭଞ୍ଜରେ ଆଉ ଏକ ନୂଆ ନବୋଦୟ ବିଦ୍ୟାଳୟ ଖୋଲିବା ପାଇଁ ସ୍ୱୀକୃତି ଦିଆଯାଇଛି ବୋଲି ମୋଦି କହିଛନ୍ତି। ସେହିପରି ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ସେ ନିଜର ଅଭିଭାଷଣରେ କହିଥିଲେ ଯେ, ଆଜି ଗୋଟିଏ ମଂଚରେ ସର୍ବୋଚ୍ଚ ନେତୃତ୍ୱଙ୍କ ଉପସ୍ଥିତି ଓଡ଼ିଶା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। କେନ୍ଦ୍ରରେ ମୋଦି ସରକାର ସେବା, ସୁଶାସନ ଓ ଗୌରବର ୧୨ ବର୍ଷ ପୂରଣ କରିଛନ୍ତି। ବିଗତ ୧୨ ବର୍ଷ ଦେଶ ପାଇଁ ଏପରି ଏକ ସମୟ ଯାହାର ତୁଳନା ନାହିଁ। ୨୦୧୪ ପରେ, ଆପଣ ଯେଉଁ ସବୁ ଯୋଜନା ପ୍ରଣୟନ କରିଛନ୍ତି, ତାହା ବଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ପାଇଁ ଅଳ୍ପ କିଛି ନୁହେଁ, ବରଂ ବହୁତ କିଛି ଲାଭ ମିଳିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା କରି ସେ କହିଛନ୍ତି ଯେ, 'ପ୍ରତ୍ୟେକଙ୍କ ଜୀବନରେ ମୋଦିଙ୍କର କିଛି ନା କିଛି ଅଂଶ ରହିଛି'। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ପାଇଁ ଏଭଳି କାର୍ଯ୍ୟ କରିଛନ୍ତି ଯେପରି 'ଆସନ୍ତାକାଲି ବୋଲି କିଛି ନାହିଁ'। ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଓଡ଼ିଶାକୁ ୯୦ ହଜାର କୋଟିର ରେଳ ପ୍ରକଳ୍ପ, ୪୦ ହଜାର କୋଟିର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଓ ପାରାଦୀପରେ ୮୦ ହଜାର କୋଟିର ପେଟ୍ରୋ କେମିକାଲ ପ୍ରକଳ୍ପ ମିଳିଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ମାଗଣା କରିଛି ଓ ପଛୁଆ ବର୍ଗଙ୍କୁ ଶିକ୍ଷା ଓ ମେଡିକାଲରେ ସଂରକ୍ଷଣ ଦେଇଛି। ରାଜ୍ୟରେ ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚରମ ସୀମାରେ ପହଂଚିଛି। ଆଗାମୀ ଦିନରେ ଓଡ଼ିଶାରୁ ମାଇଗ୍ରେସନ ନୁହେଁ, ବରଂ ଅନ୍ୟ ରାଜ୍ୟର ଲୋକେ ଏଠାକୁ ଚାକିରି ପାଇଁ ଆସିବେ ଅର୍ଥାତ୍ 'ରିଭର୍ସ ମାଇଗ୍ରେସନ' ହେବ ବୋଲି ମୁଖ୍ୟମନ୍ତ୍ରୀ ସଂକଳ୍ପ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶା ପାଇଁ ୪୭୬୦୦କୋଟି ଟଙ୍କାର ପ୍ରକଳ୍ପ ରାଜ୍ୟବାସୀଙ୍କୁ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ । ପ୍ରାୟ ୪୫୫୮.୭୯କୋଟି ଟଙ୍କାର ୬୧ଟି ପ୍ରକଳ୍ପର ଉଦଘାଟନ ଓ ୪୩୦୪୪.୩୬କୋଟି ଟଙ୍କାର ୧୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି ଯାହାକି ୨୦୩୬ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଜିର ଏହି ସଭାମଂଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ସାଂସଦ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଡ଼ ହିଂସାକୁ ନେଇ ଓଡ଼ିଶା ...

ଆଉ ସେମାନଙ୍କୁ ପିଛା କରି ଉତ୍ୟକ୍ତ ଗ୍ରାମବାସୀ ମେଡିକାଲ ଓ ଥାନା ଆଗରେ ହଙ୍ଗାମା କରିଥିଲେ । ଏଭଳି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନକୁ ଦାୟୀ କରିଛନ୍ତି ସ୍ଥାନୀୟବାସିନ୍ଦା। ମୟୂରଭଞ୍ଜରେ ରାଜ୍ୟ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବା ବେଳେ ଏପଟେ ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ରାୟଗଡ଼ା ଭିଡ଼ ହିଂସାକୁ ନେଇ ବିଜେଡି ପ୍ରେସମିଟ କରି ବର୍ଷିଛି । ସେପଟେ ଆଖିରେ କଳାପଟି ବାନ୍ଧି ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିରୋଧୀଙ୍କ ପ୍ରଶ୍ନର ଜବାବ ରଖିଛି ବିଜେପି । ଓଡ଼ିଶାରେ ପୂର୍ବରୁ ଭିଡ଼ ହିଂସା ଚିତ୍ର ଓ ଚରିତ୍ର ଦେଖିବାକୁ ମିଳୁନଥିଲା । ବାଲିଅନ୍ତା, ବ୍ରହ୍ମପୁର, କଣାସ ପରେ ସେହି ଧାରାକୁ ରାୟଗଡ଼ା ଘଟଣା ଆଉ ପାଦେ ଆଗକୁ ବଢ଼ାଇଛି। ପ୍ରଶ୍ନ ଉଠୁଛି, ଥାନାଠୁ ମାତ୍ର ୨କିମି ଦୂରରେ ଯୁବତୀଙ୍କୁ ବର୍ବର ଆକ୍ରମଣର ଖବର ପୁଲିସ କେମିତି ପାଇଲାନି ? ସେଠାରେ ଭିଡ ବଢୁଥିବା ସୂଚନା ପୁଲିସକୁ କିଭଳି ମିଳିଲା ନାହିଁ ? ଏହି ଘଟଣା କେଉଁ ପରିସ୍ଥିତିରେ ଘଟିଲା, କିଏ ପିଲାଚୋରି ଗୁଜବ ସୃଷ୍ଟି କଲା ?

### ଆଜି ନିଟ...

ପୁନର୍ବାର ନିଟ ୟୁଜି ପରୀକ୍ଷା ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ସାମାନ୍ୟ ଭୟ ରହିଛି । ପରୀକ୍ଷାରେ ପ୍ରଶ୍ନ କିପରି ଆସିବ, କିଭଳି ହେବ ଖାତା ଚେକିଂ ସେ ସବୁକୁ ନେଇ ଚିନ୍ତାରେ ଅଛନ୍ତି । ଦେଶର ୫ହଜାର କେନ୍ଦ୍ରରେ ପରୀକ୍ଷା ଦେବେ ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀ । ଓଡ଼ିଶାରେ ୧୩୨ କେନ୍ଦ୍ରରେ ପରୀକ୍ଷା ଦେବେ ପ୍ରାୟ ୫୭ହଜାର ଛାତ୍ରଛାତ୍ରୀ । ଦିନ ୧୧ଟାରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ ଛାତ୍ରଛାତ୍ରୀ । ରେଜିଷ୍ଟ୍ରେସନ, ବାୟୋମେଟ୍ରିକ୍ସ, ଫ୍ରିସ୍କିଂ ପରେ ଦିନ ୨ ଟାରୁ ଆରମ୍ଭ ହେବ ପରୀକ୍ଷା। ସନ୍ଧ୍ୟା ୫ଟା ୧୫ ଯାଏଁ ଚାଲିବ । ପରୀକ୍ଷାର ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ । ପରେ ଭିଡିଓ ଫୁଟେଜ ଗୁଡିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପରୀକ୍ଷା ସେକ୍ସନକୁ ହସ୍ତାନ୍ତର କରାଯିବ । ସେପଟେ ପରୀକ୍ଷା ପାଇଁ ସମସ୍ତ ସରକାରୀ ବସରେ ନିଶୁଳ୍କ ସେବାବ୍ୟବସ୍ଥା କରାଯାଇଛି । ନିଜର ଆଡ଼ମିଟ କାର୍ଡ ଦେଖାଇ ବସ ଷ୍ଟାଣ୍ଡ ଓ ରେଳଷ୍ଟେସନରୁ ମାଗଣାରେ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଯାଇପାରିବେ ପରୀକ୍ଷାର୍ଥୀ ।

### ଦିବଙ୍ଗତ ସାମ୍ବାଦିକ ସ୍ମୃତି ...

ଏହି ପରିପ୍ରେକ୍ଷୀରେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ଦେବେନ୍ଦ୍ର ବାରିକଙ୍କ ସହିତ କାଟିଥିବା ମୁହୂର୍ତ୍ତର ସ୍ମୃତିଚାରଣ କରିବା ସହିତ ତାଙ୍କ ଭଳି ଜଣେ ସୋଚଟ ସାଲିସ ବିହିନ ସାମ୍ବାଦିକ ହେବାକୁ ଆହ୍ୱାନ ଦେଇଥିଲେ। ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭାରେ ଦୁଇ ଜଣ ସାମ୍ବାଦିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସାମ୍ବାଦିକ ମାସ ମିଡିଆରେ ଅର୍ଦ୍ଧେନ୍ଦୁ ଶେଖର ଓ ଆଜିକାଲି ସମ୍ବାଦ ପତ୍ରର ନିର୍ମାଲ୍ୟ ମହାନ୍ତି।ଏହି ସ୍ମୃତିଚାରଣ ସଭାରେ ସମ୍ପାଦକ ଗଗନ କୁମାର ସେଠୀ ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଆସନ୍ତା ବାର୍ଷିକ ଉତ୍ସବ ସଂଘର କିଭଳି ଭାବରେ ହେବ , ସାମ୍ବାଦିକ ମାନଙ୍କ ସୁବିଧା ଅସୁବିଧା ସମୟରେ କିଭଳି ଭାବରେ ସଂଘ ସେମାନଙ୍କ ପାଖରେ ଠିଆହୋଇ ପାରିବ କହିଥିଲେ।ଶରତ ଚନ୍ଦ୍ର ବାରିକ, ତ୍ରିଲୋଚନ ଉପାଧ୍ୟାୟ,ତପନ କୁମାର ଦାସ, ଭଗବାନ ଦାସ, ପୂର୍ଣ୍ଣ ଚନ୍ଦ୍ର, ମିତାଲି, ଏବଂ ବହୁ ସାମ୍ବାଦିକ ବନ୍ଧୁମାନେ ଯୋଗଦାନ କରିବା ସହିତ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ କରିଥିଲେ।ଶେଷରେ ସାମ୍ବାଦିକ ସୁରେନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦାରି ଡିଗ୍ରୀ କଲେଜରେ ଶକ୍ତିଶ୍ରୀର ଆଲୋଚନା ଚକ୍ର

ବାସୁଦେବପୁର, ୨୦/୬ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ଡିଗ୍ରୀ କଲେଜ ପରିସରରେ ଝିଅ ମାନଙ୍କ ସୁରକ୍ଷା ସମ୍ପର୍କରେ ଶକ୍ତିଶ୍ରୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ତୃପ୍ତି ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅଧିବକ୍ତା ଡକ୍ଟର ନିରଦ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀର ସଂଯୋଜିକା ତଥା ଶିକ୍ଷା ବିଭାଗ ଅଧ୍ୟାପିକା ସ୍ନେହଲତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ଲୋପାମୁଦ୍ରା ମହାନ୍ତି ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଝିଅ ମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରା ଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସ୍କୃତ ବିଭାଗ ଅଧ୍ୟାପିକା ସୁକାନ୍ତି ନାୟକ ଓ ଓଡ଼ିଆ ବିଭାଗ ଅଧ୍ୟାପିକା ନିବେଦିତା ମହାନ୍ତି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।



# ଭଦ୍ରକ ଇନ୍ଟାକ୍ ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ , ୨୦/୬ (ନି.ପ୍ର): ଭଦ୍ରକ ଇନ୍ଟାକ୍ ଋପ୍ଟରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍‌ଭେନର ଶ୍ରୀ ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ କୁଆଁସସ୍ଥିତ ନିତ୍ୟାନନ୍ଦଭବନ ଠାରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଡ଼. ଗୋଲକ ବିହାରୀ ସାହୁ, ଡ଼. ଭାଗବତ ପ୍ରସାଦ ତ୍ରିପାଠୀ, ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ର ମଞ୍ଚାସୀନ ହୋଇଥିଲେ । ବୈଠକ ଆରମ୍ଭରେ ଦିବଂଗତ ସଭ୍ୟ ଅଚ୍ୟୁତାନନ୍ଦ ସାମଲ, ଡ଼. ମାନସ ରଂଜନ ଲେଙ୍କା, ଡ଼. ପ୍ରଭାତ ନଳିନୀ ମହାପାତ୍ର ଓ ଅନାଦି ଚରଣ ଦାସଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଗୁଣାବଳୀ ଆଲୋଚିତ ହୋଇଥିଲା ଏବଂ ନୂଆ ସଭ୍ୟ ଶ୍ରୀ ଅକ୍ଷୟ କୁମାର ହୋତା, ରବୀନ୍ଦ୍ର କୁମାର ମହାରଣା ଓ ଦିଲ୍ଲୀପ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଥିଲା । ଇନ୍ଟାକ୍ ଶାଖାର ଆଠ ଜଣ ଆଜୀବନ ସଭ୍ୟ-ହରମୋହନ କୁଅଁର, ଗୟାଧର ପଣ୍ଡା, ଆଦିତ୍ୟ କୁମାର ନାୟକ, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ସାହୁ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଲୋଗୋ ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା । ଇନ୍ଟାକ୍ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଆମ ଜାତୀୟ ସଂପତ୍ତିର ସୁରକ୍ଷା ତଥା ଐତିହାସିକ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର ସକାଶେ ଦୃଷ୍ଟିପାତ କରିବା ସହିତ ଏହାର ସଂରକ୍ଷଣ ପାଇଁ ତେର ଜଣ ବିଶିଷ୍ଟ ସବ୍‌କମିଟି ଗଢ଼ାଯାଇଥିଲା ଏବଂ ଏହାର ଆବାହକ ମନୋନୀତ ହୋଇଥିଲେ ଡ଼. ଭାଗବତ ତ୍ରିପାଠୀ । ଅନ୍ୟ ସଦସ୍ୟମାନେ ହେଲେ ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ଡ଼. କ୍ଷୀରୋଦ କୁମାର ସାମଲ, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ହରମୋହନ କୁଅଁର, ଆଦିତ୍ୟ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ଗୟାଧର ପଣ୍ଡା ଓ ମଦନ ମୋହନ ନାୟକ । ସବ୍‌କମିଟିର କାର୍ଯ୍ୟାନୁଷ୍ଠାନ ପାଇଁ ୫ ହଜାର ଟଙ୍କା ଇନ୍ଟାକ୍ ଫଣ୍ଡରୁ ଅଗ୍ରୀମ ପ୍ରଦାନ ପାଇଁ ପ୍ରସ୍ତାବ ଅନୁମୋଦନ କରାଗଲା । ଆଗାମୀ ବାର୍ଷିକ ଉତ୍ସବ ୨୦୨୬ ଡ଼ିସେମ୍ବରରେ କରାଯିବା ସହିତ ବିଶ୍ୱ ହେରିଟେଜ୍ ଦିବସ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର କରାଗଲା । ସଂପ୍ରତି ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଚାନ୍ଦବାଲି ଠାରେ ମେରିଟାଇମ୍ ମ୍ୟୁଜିୟମ୍, ଐତିହାସିକ ସ୍ଥଳ ଗୋହିରାଟିକିରୀର ପୁନରୁଦ୍ଧାର ଓ ଆଗରପଡ଼ା ଠାରେ ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଗୃହର ନିର୍ମାଣକାର୍ଯ୍ୟ ଚାଲୁଥିବାରୁ ଭଦ୍ରକ ଇନ୍ଟାକ୍ ଶାଖା ସନ୍ତୋଷ ପ୍ରକାଶ କରିଥିଲା । ଆଜିର ଉପସ୍ଥିତ ସଭ୍ୟମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ଶ୍ରୀ ମଦନ ମୋହନ ନାୟକ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ଅଜିତ କୁମାର ଦାସ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା, ଯୁଧିଷ୍ଠିର ବାରିକ୍, ଚନ୍ଦ୍ରମୋହନ ମହାନ୍ତି, ଅଶୋକ କୁମାର ଦାସ, ଉଦୟନାଥ ମହାନ୍ତି, ସୁରେଶ କୁମାର ସାହୁ, ରତିକାନ୍ତ ମହାନ୍ତି, କଳ୍ପନା ବେହେରା, ବାଦଲ କିଶୋର ମହାପାତ୍ର, ଏସ୍.କାମିଲା ଓ ହୃଷିକେଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।




## ଆଜି ଭାରତ ମଣ୍ଡପମରେ ଯୋଗ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, ୨୦/୬ : କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ରବିବାର ଦିନ ଭାରତ ମଣ୍ଡପମରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ଅବସରରେ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରିବ। ଏଥିରେ ପ୍ରାୟ ୧୫୦୦ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିବେ। ମନ୍ତ୍ରଣାଳୟ ଅନୁଯାୟୀ, ଆସନ୍ତାକାଲି ସକାଳ ୧୧ଟାରୁ ଭାରତ ମଣ୍ଡପମରେ ଦ୍ୱାଦଶ ଆନ୍ତର୍ଜାତୀୟ ଯୋଗ ଦିବସର ଦେଶବ୍ୟାପୀ ସମାରୋହର ଏକ ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ 'ବିଷୟବସ୍ତୁ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ସକ୍ରିୟ, ସୁସ୍ଥ ବାର୍ଦ୍ଧକ୍ୟ, କଲ୍ୟାଣ, ସ୍ୱାଧୀନତା ଏବଂ ସାମାଜିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ସାମୂହିକ ଯୋଗ ଅଭ୍ୟାସ ଏବଂ ଧ୍ୟାନପୂର୍ଣ୍ଣ ଜୀବନଯାପନ, ଆଭ୍ୟନ୍ତରୀଣ ସୌହାର୍ଦ୍ଦ୍ୟ, ଭାବନାତ୍ମକ ସୁସ୍ଥତା ଏବଂ ସୁସ୍ଥ ବାର୍ଦ୍ଧକ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ଆଧ୍ୟାତ୍ମିକ ବାର୍ତ୍ତା ଅନ୍ତର୍ଭୁକ୍ତ ହେବ।

# ଯୋଗ ଦିବସ ପାଳନ ପାଇଁ ସଚେତନତା ରାଲି



ବାଲେଶ୍ୱର, ୨୦/୬ (ନି.ପ୍ର): ହୋଲିଷ୍ଟିକ୍ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ର ବାଲେଶ୍ୱର ତରଫରୁ ଆଜି ସକାଳେ ଏକ ସଚେତନତା ରାଲି ମୋତିଗଞ୍ଜ ସିନେମାଛକ, ବାରବାଟୀ, ମାଣିଖମ୍ଭ ମିର୍ଜାପୋଖରୀ, ରାଣୀ ପାଟଣା, ଝାଡ଼େଶ୍ୱର ଶିବମନ୍ଦିର ନୂଆ ବଜାର, ଫାଣ୍ଡିଛକ, ଷ୍ଟେସନ୍ ଛକ, ଆଜିମାବାଦ, ଶାନ୍ତିକାନନ ମଠସାହି, ମାକଲପୁର, ହେମକାପଦା ଛକ, ଗଡ଼ଗଡ଼ିଆ ଛକ, କଲେଜଛକ ହୋଇ ପରିକ୍ରମା କରିବା ସହିତ ସମସ୍ତ ସାଧକ ସାଧିକା ଆସନ୍ତା କାଲି ଜୁନ ୨୧ ତାରିଖ ଯୋଗ ଦିବସ ପାଳନ କରିବା ସମସ୍ତେ ଆସ, କରଯୋଗ ରୁହ ନିରୋଗ ପ୍ରଭୃତି ସ୍ଲୋଗାନ୍ ଦେଇ ୧୨ତମ ଆନ୍ତର୍ଜାତିକ ଯୋଗ ଦିବସକୁ ଧୁମଧାମ୍‌ରେ ପାଳନ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ । ଆସନ୍ତା କାଲି ବ୍ରିଟ୍ କଲ୍ୟାଣ ମଣ୍ଡପରେ ଧ୍ୟାନ, ୧୦୮ ସୂର୍ଯ୍ୟ ନମସ୍କାର ପ୍ରଟୋକଲ ଯୋଗ ଅଭ୍ୟାସ ସହିତ ଯଜ୍ଞ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ । ଏମାନଙ୍କ ମଧ୍ୟରେ ଯୋଗ ଗୁରୁ ସୁଜିତ କୁମାର ଜେନା, ଗୁରୁମା ଜ୍ୟୋତ୍ସ୍ନାଲତା ଜେନା, ରଘୁନାଥ, ଲିଲି, ମାନସୀ, ପୁଷ୍ପାଞ୍ଜଳୀ (କ) ବିକାଶ, ଶଶିକାନ୍ତ, ଶିରିଶ, ସଞ୍ଜିବ, ରତିକାନ୍ତ, ବିଜୟିନ୍ତୀ, କ୍ରିଷ୍ଣା, ମୀନତି, ସ୍ନେହଲତା, ପଦ୍ମାବତୀ, ଲଳିତା, ଅନୁସ୍ମିତା, ମଧୁସ୍ମିତା (୧), ମଧୁସ୍ମିତା (୨), ଅମ୍ବର, ଜାହ୍ନବୀ, ସସ୍ମିତା, ଶିବ ଶଙ୍କର, ଅକ୍ଷୟ, ପୁଷ୍ପାଞ୍ଜଳି (ଖ), ସୀତାରାମ, ତପନ, ରୁବି, ଚପଳା, ଏଡଭୋକେଟ ବସନ୍ତ ପ୍ରଧାନ, ଡାକ୍ତର ରଞ୍ଜନ କୁମାର ଦାସ ପ୍ରଭୃତି ଅନ୍ୟତମ ଅଟନ୍ତି ।

## ଲିଙ୍ଗରାଜ ମନ୍ଦିରରେ ଦେବ ଦମ୍ପତିଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୦/୬ (ନି.ପ୍ର): ଲିଙ୍ଗରାଜ ମନ୍ଦିରରେ ଦେବ ଦମ୍ପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଶୀତଳଷଷ୍ଠୀ ଅବସରରେ କେଦାରଗୌରୀ ମନ୍ଦିର ପରିସରରେ ପାରମ୍ପରିକ ବୈଦିକ ରୀତିନୀତି ଅନୁଯାୟୀ ପ୍ରଭୁ ଲିଙ୍ଗରାଜ ଓ ମାଆ ପାର୍ବତୀଙ୍କ ଦିବ୍ୟ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଦେବଦମ୍ପତି ନବଦମ୍ପତି ବେଶରେ ଭକ୍ତଙ୍କ ଦର୍ଶନ ଦେଇଥିଲେ ।ବିଦାୟ ପୂର୍ବରୁ ପାରମ୍ପରିକ 'କନକାଞ୍ଜଳି' ନୀତି ପାଳନ କରାଯାଇଥିଲା। ଏହାପରେ ବିଳମ୍ବିତ ରାତିରେ ଦେବଦମ୍ପତି ବିମାନରେ ବିରାଜମାନ କରି ଭବ୍ୟ ଶୋଭାଯାତ୍ରାରେ ଲିଙ୍ଗରାଜ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।

# ରାଇକମା ଜଙ୍ଗଲରେ ମହିଳାଙ୍କ ମୃତ ଦେହ ଉଦ୍ଧାର ଘଟଣାରେ ପୁଲିସର ହାତ ଖାଲି

ବୈଶିଙ୍ଗା , ୨୦/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ରାଇକମା ଗ୍ରାମ ଜଙ୍ଗଲରେ ସୋମବାର ସକାଳେ ସନ୍ଦେହଜନକ ଅବସ୍ଥାରେ ଜନୈକା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣାରେ ଆଜି ଶୁକ୍ରବାର ସୁଦ୍ଧା କେହି ବି ଅଭିଯୁକ୍ତ ଧରା ପଡି ନାହାଁନ୍ତି ମାତ୍ର ପୁଲିସର ତଦନ୍ତ ଜାରି ରହିଛି। ପ୍ରାପ୍ତ ସୂଚନା ମୁତାବକ ସୋମବାର ସକାଳ ସମୟରେ ଉକ୍ତ ଜଙ୍ଗଲ ଭିତରକୁ କିଛି ବ୍ୟକ୍ତି ଯାଇଥିବା ବେଳେ ଜଣେ ମହିଳାଙ୍କ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ । ଏହା ଦେଖିବା ମାତ୍ରେ ସେମାନେ ଗ୍ରାମବାସୀଙ୍କୁ ଖବର ଦେବା ସହ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବାରିପଦାରୁ ସାଇଣ୍ଟିଫିକ ଟିମ ମଧ୍ୟ ମଧ୍ୟାହ୍ନରେ ପହଞ୍ଚି ଘଟଣାର ଛାନଭିନ କରିଥିଲା । ମୃତଦେହ ପ୍ରାୟ ଦୁଇ ତିନି ଦିନ ଧରି ଏଠାରେ ପଡ଼ି ରହିଥିବା ଯୋଗୁଁ ଶରୀରଟି ସମ୍ପୂର୍ଣ୍ଣ ପଚି ଯାଇଥିଲା । ମହିଳାଙ୍କ ଶରୀରକୁ ଚିହ୍ନଟ କରିବା ସମ୍ଭବପର ହୋଇପାରୁନଥିଲା ।



ତଦନ୍ତ ପୂର୍ବକ ପରବର୍ତ୍ତୀ ସମୟରେ ଜାଣିବାକୁ ମିଳିଥିଲା କି ମୃତ ମହିଳା ଜଣକ ହେଲେ ସ୍ୱର୍ଗତଃ ଦୁଲା ହାଁସଦାଙ୍କ ସ୍ତ୍ରୀ ମଙ୍ଗୁଳି ହାଁସଦା । ତାଙ୍କର ନିଜର ପିଲାମାନେ ଘଟଣାସ୍ଥଳରେ ପହଞ୍ଚି ମଙ୍ଗୁଳିର ମୃତ ଦେହକୁ ଚିହ୍ନିଥିଲେ । ପରେ ପରେ ବୈଶିଙ୍ଗା ଥାନାରେ ୨୯/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ । ମାତ୍ର କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା , କିଏ ମାରିଲା ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ଥିବାର ଦେଖାଯାଇଛି । ଏହି ହତ୍ୟା ଘଟଣାରେ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ବି ଅଭିଯୁକ୍ତ ଧରା ନ ପଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଆକଳନ କରାଯାଉଛି ।

# ସ୍ୱେଚ୍ଛାକୃତ ରକ୍ତଦାନକୁ ଏକ ଜନ ଆନ୍ଦୋଳନ କରିବ ଓୟୁଜେ



ବାଲେଶ୍ୱର, ୨୦/୬ (ନି.ପ୍ର): ସାମ୍ବାଦିକ ମାନେ ସ୍ୱେଚ୍ଛାକୃତ ରକ୍ତଦାନକୁ ଜନ ଆନ୍ଦୋଳନ ରେ ପରିଣତ କରିବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିପାରିଲେ ସମାଜର ରକ୍ତ ଅଭାବ ଜନିତ ସମସ୍ୟା କୁ ଦୂର କରାଯାଇ ପାରିବ ବୋଲି ଜିଲ୍ଲା ରକ୍ତଭଣ୍ଡାର ର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ମତବ୍ୟକ୍ତ କରିଛନ୍ତି। ଆଜି ବାଲେଶ୍ୱର ରକ୍ତ ଭଣ୍ଡାର ପରିସରରେ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରି ଡାକ୍ତର. ଉପାଧ୍ୟାୟ କହିଲେ ଯେ, ରକ୍ତଦାନ କରି ଜୀବନ ବଞ୍ଚାଇବା ପାଇଁ ସବୁ ବର୍ଗର ଲୋକେ ଆଗେଇ ଆସିବା ଉଚିତ। ଛାତ୍ରଛାତ୍ରୀ, ଯୁବକ ଯୁବତୀ, ଜନ ସାଧାରଣଙ୍କ ମନରେ ରକ୍ତଦାନ, ମହତ ଦାନ ସଂମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସମସ୍ତ ସାମ୍ବାଦିକ ମାନଙ୍କ ଦାୟିତ୍ୱ ଏଂ କର୍ତ୍ତବ୍ୟ ହେବା ଉଚିତ। ଏହି ବାର୍ତ୍ତାକୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ପହଞ୍ଚାଇବା ଦିଗରେ ସାମ୍ବାଦିକ ମାନେ କାର୍ଯ୍ୟ କରିବା ଆବଶ୍ୟକ।ରକ୍ତ ପାଇଁ ଅସହାୟ ଅବସ୍ଥାରେ ଥିବା ରୋଗୀ ଓ ତାଙ୍କ ଆତ୍ମୀୟ ମାନଙ୍କ ମଧ୍ୟରେ ଭରସା ଓ ବିଶ୍ୱାସ ସୃଷ୍ଟି କରିବା ଦିଗରେ ସାମ୍ବାଦିକ ମାନେ ସେତୁ ଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସମାଜ ର ବାଲେଶ୍ୱର ଜିଲ୍ଲା ସଂସ୍କରଣର ପୂର୍ବତନ ପରିଚାଳକ ମଧୁସୂଦନ ଦାସ ମତବ୍ୟକ୍ତ କରିଥିଲେ। ବିଶେଷ କରି ଥାଲାସେମିଆ ରେ ପୀଡ଼ିତ ଶିଶୁ, ଦୁର୍ଘଟଣାରେ ଶୀକାର ହୋଇଥିବା ବ୍ୟକ୍ତି ଓ ସର୍ବୋପରି ପ୍ରସୂତୀ ମାନଙ୍କ ପାଇଁ ରକ୍ତର ଆବଶ୍ୟକ ପଡିଥାଏ।ଜିଲ୍ଲା ରେ ଏହି ସମସ୍ୟା କୁ ଦୂର କରିବା ପାଇଁ ୟୁନିଅନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ଏବଂ ଏହାକୁ ଏକ ଜନ ଆନ୍ଦୋଳନ ରେ ପରିଣତ କରାଯିବ ବୋଲି ୟୁନିଅନର ସଭାପତି ଗଙ୍ଗାଧର ରାଉତ ମତ ବ୍ୟକ୍ତ କରିଥିଲେ। ସାମ୍ବାଦିକ ମାନଙ୍କ ସହ ବହୁ ସଂଖ୍ୟକ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରି କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହାୟକ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ବରିଷ୍ଠ ସଦସ୍ୟ ଆଲୋକ କୁମାର ବାରିକ, ସଧାରଣ ସମ୍ପାଦକ ବିବେକା ନନ୍ଦ ଦାସ,ଲକ୍ଷ୍ମୀଧର ବାରିକ, ଆଶୁତୋଷ ମଲ୍ଲିକ, ରାଜଶ୍ରୀ ପାଣିଗ୍ରାହୀ କହ୍ନେଇ ଚରଣ ପ୍ରଧାନ, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅଜିତ କୁମାର ମହାନ୍ତି, ଆଜିମ ବାଲେଶ୍ୱରୀ, ହାଇଦର ଖାନ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆଙ୍କ ପରିବାର

ଉଦଳା, ୨୦/୬ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ବ୍ରାହ୍ମଣିପାଳ ଗ୍ରାମରେ ବସବାସ କରୁଥିବା କାଟ୍ରାମ ହୋ ଓ ତାଙ୍କର ସହଧର୍ମିଣି ନନ୍ଦି ହୋ ଏବଂ ଦୁଇଜଣ ପିଲାଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ସଂଖ୍ୟା ୪ ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରଟି ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । କାଟ୍ରାମ ହୋ ଙ୍କର ଏ ପର୍ଯ୍ୟନ୍ତ ଆଧାର କାର୍ଡ଼ ନଥିବାର ଜଣାଯାଇଛି । ଆଧାର ପାଇଁ ସେ ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

## ବାଲି ବୋଝେଇ ଡମ୍ଫର ଓ ବାଇକ ସାମ୍ନାସାମ୍ନି ଧକ୍କା ଘଟଣାରେ ଗୁରୁତର ଆହତ ଚିକିତ୍ସାଧୀନ ଅବସ୍ଥାରେ ମୃତ

ବୈଶିଙ୍ଗା, ୨୦/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବାଲକା ରାସ୍ତାରେ ଶନିବାର ଅପରାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଯୁବକ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି । ଘଟଣାରୁ ପ୍ରକାଶ ରଙ୍ଗାମାଟିଆରୁ ବାଲକା ଦେଇ ଗଣ୍ଡର୍ଦ୍ଧାକୁ ସଂଯୋଗ କରିଥିବା ଆରଡି ରାସ୍ତାରେ ଓଡ଼ି-୦୧ଏ-୩୫୮୩ ନମ୍ବର ବିଶିଷ୍ଟ ଏକ ନାଲି ରଙ୍ଗର ପୋଲସର ବାଇକ ଯୋଗେ ବାଲେଶ୍ୱର ଜିଲ୍ଲା ବାଙ୍କତୀରା ଗ୍ରାମର ଶଙ୍କର ଜେନା , ଟୁକୁନୁ ଜେନା ଏବଂ ମଣ୍ଟୁ ଜେନା ଯାଉଥିଲେ । ଏହି ସମୟରେ ସାମ୍ନା ପଟୁ ଓଡ଼ି- ୧୧ଏଇ - ୬୪୧୮ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଡମ୍ଫର ବିପରିତ ଦିଗରୁ ଆସି ବାଇକ ଟିକୁ ଶକ୍ତ ଧକ୍କା ଦେବା ସହ ଘଟଣା ସ୍ଥଳରେ ହିଁ ଓଲଟି ପଡିଥିଲା। ତେବେ ଧକ୍କାଟି ଏତେ ଶକ୍ତିଶାଳୀ ଥିଲା ଯେ ବାଇକରେ ଥିବା ତିନିଜଣ ଯୁବକଙ୍କ ମଧ୍ୟରୁ ଘଟଣା ସ୍ଥଳରେ ହିଁ ଟୁକୁନୁ ଜେନା ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଯୁବକ ଗୁରୁତର ଆହତ ଭାବେ ହୋଇଥିଲେ । ଖବର ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଉଭୟ ଗୁରୁତର ଆହତଙ୍କୁ ରେମୁଣା ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ଶଙ୍କର ଜେନାଙ୍କୁ ଡାକ୍ତର ମୃତ ଭାବେ ଘୋଷଣା କରିଥିବା ବେଳେ ମଣ୍ଟୁ ଜେନାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମଣ୍ଟୁଙ୍କର ଅବସ୍ଥା ଅତି ସଂକଟାପନ୍ନ ଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଜୀବନ ମରଣ ସହିତ ସଂଘର୍ଷ କରୁଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ଶୁକ୍ରବାର ତାଙ୍କର ମରଶରୀରକୁ ଗ୍ରାମକୁ ଅଣାଯାଇ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏହାକୁ ନେଇ ସ୍ଥାନୀୟ ବାଙ୍କତୀରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# 'କୌଣସି ଯୋଗ୍ୟ ମତଦାତା ବାଦ ପଡ଼ିବେ ନାହିଁ': ମତଦାତା ସଚେତନତା ପ୍ରତିଯୋଗିତା ଆୟୋଜିତ

ବାଲେଶ୍ୱର, ୨୦/୬ (ନି.ପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ "କୌଣସି ଯୋଗ୍ୟ ମତଦାତା ବାଦ ପଡ଼ିବେ ନାହିଁ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୩୦ ମଇ ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବାର ସମୟ ସୀମା ଧାର୍ଯ୍ୟ ରଖାଯାଇଛି। ପ୍ରତିଯୋଗିତାଟି ସ୍ଲୋଗାନ ପ୍ରତିଯୋଗିତା, ସ୍କିଟ୍ (ଲଘୁ ନାଟିକା) ପ୍ରତିଯୋଗିତା ଏବଂ ରିଲ୍ ମେକିଂ ପ୍ରତିଯୋଗିତା ଭଳି ତିନୋଟି ବିଭାଗରେ ଅନୁଷ୍ଠିତ ହେବ। ସ୍ଲୋଗାନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜର ନାମ, ଠିକଣା ଓ ମୋବାଇଲ ନମ୍ବର ସହିତ ସ୍ଲୋଗାନକୁ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିପାରିବେ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ଗଭୀର ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମ ପୂରଣ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟବସ୍ତୁ ଉପରେ ୧ ରୁ ୫ ମିନିଟ୍ ସମୟାବଧିର ଭିଡିଓ ପ୍ରସ୍ତୁତ କରି ଦାଖଲ କରିପାରିବେ। ରିଲ୍ ମେକିଂ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ରିଲ୍ ଅପଲୋଡ୍ କରି ନିଜର ନାମ ଓ ଜିଲ୍ଲା ଉଲ୍ଲେଖ କରିବା ସହିତ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ଟ୍ୟାଗ୍ କରିବାକୁ ହେବ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ହେଲା – ଫେସବୁକ୍: **CEO Odisha, Gr (X): @OdishaCeo**, ଇନଷ୍ଟାଗ୍ରାମ: **@odishaceo** ଏବଂ ୟୁଟ୍ୟୁବ୍: **Chief Electoral Officer Odisha**। ପ୍ରତିଯୋଗୀମାନେ ଭିଡିଓ ସହ ନିଜର ନାମ, ଠିକଣା ଏବଂ ମୋବାଇଲ ନମ୍ବର ଉଲ୍ଲେଖ କରି **deo.bls2014@gmail.com** ଇ-ମେଲ୍ ଠିକଣାକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ଆକର୍ଷଣୀୟ ନଗଦ ପୁରସ୍କାର ପ୍ରଦାନ କରାଯିବ। ସ୍ଲୋଗାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ କ୍ରମଶଃ ୩,୦୦୦ ଟଙ୍କା, ୨,୫୦୦ ଟଙ୍କା ଓ ୨,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୧୦,୦୦୦ ଟଙ୍କା ରହିଛି। ରିଲ୍ ମେକିଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ କ୍ରମଶଃ ୨୦,୦୦୦ ଟଙ୍କା, ୧୦,୦୦୦ ଟଙ୍କା ଓ ୫,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ। ତେଣୁ ଜିଲ୍ଲାର ସମସ୍ତ ଯୁବବର୍ଗ, ଛାତ୍ରଛାତ୍ରୀ, ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଏବଂ ସଚେତନ ନାଗରିକମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମତଦାତା ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି। ପ୍ରତିଯୋଗିତା ସମ୍ବନ୍ଧୀୟ ସମସ୍ତ ଏଣ୍ଟ୍ରି **deo.bls2014@gmail.com** ଇ-ମେଲ୍ ଠିକଣାକୁ ପ୍ରେରଣ କରାଯିବ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida